ବର୍ଷ-୨୬, ସଂଖ୍ୟା-୧୮୫
ଭୁବନେଶ୍ୱର
୧୧, ଜୁଲାଇ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 185
Bhubaneswar
11 July, 2026, Satuiday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୧୭୦୦ ବାୟୋ-ଟଏଲେଟ, ୮ ଅସ୍ଥାୟୀ ହସ୍ପିଟାଲ, ୪୭୦ ସିସିଟିଭି କ୍ୟାମେରା

ଭୁବନେଶ୍ୱର,୧୦।୭(ମହାଭାରତ): : ପ୍ରସିଦ୍ଧ ପୁରୀ ରଥଯାତ୍ରା ନିମନ୍ତେ ପୁରୀରେ ଭକ୍ତଙ୍କ ନିମନ୍ତେ ୮ଟି ଅସ୍ଥାୟୀ ଚିକିତ୍ସାଳୟ, ୧୭ଶହଟି ଶୌଚାଳୟ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆଜି (ଶୁକ୍ରବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ, ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ

## ରଥଯାତ୍ରାର ଉଚ୍ଚସ୍ତରୀୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, 'କମ୍ୟୁନିକେସନ୍ ଗ୍ୟାପ୍' ରଖନି

ସୁରକ୍ଷା, ଭିଡ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ପ୍ରତ୍ୟେକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ତଥା ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାପାଇଁ ନିରନ୍ତର ସୂଚନା ପ୍ରଦାନର ବ୍ୟବସ୍ଥା ରହିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଯେପରି ଯୋଗଯୋଗ ବିଚ୍ଛିନ୍ନ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ।ସେହିପରି



୪୭୩ ସିସିଟିଭି କ୍ୟାମେରା ସହିତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ ଏଲଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଓଡିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ସୂଚନା ପ୍ରଦାନ ପାଇଁ ଏଥରକ ଅଧିକ ବାର୍ତ୍ତା (ବଲ୍କ ମେସେଜ୍)ର ବ୍ୟବସ୍ଥା ମଧ୍ୟ କରାଯାଇଛି। ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଙ୍ଗ, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି।

ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ସହାୟତା କେନ୍ଦ୍ରର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ଅନେକ ନିର୍ଗମନ ଦ୍ୱାରର ବ୍ୟବସ୍ଥା କରାଯାଇଛି। ସମସ୍ତ ସୁରକ୍ଷା କାର୍ଯ୍ୟର ନିୟନ୍ତ୍ରଣ ପାଇଁ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢୀ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବିଭିନ୍ନ ବିଭାଗର ସଚିବ ଓ ପୋଲିସ ଉଚ୍ଚ ପଦାଧିକାରୀ ଏବଂ ପୁରୀ ଜିଲ୍ଲାପାଳ ଓ ଏସ୍.ପି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପାରେ ଆଜି ଆଉଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି।

# ବିଜ୍ଞାନ ଏବଂ ଉଦ୍ଭାବନରେ ଭାରତ ଅଗ୍ରଣୀ ରାଷ୍ଟ୍ର ଭାବରେ ଉଭା ହେଉଛି : ଉପରାଷ୍ଟ୍ରପତି

ଭୁବନେଶ୍ୱର,୧୦।୭(ମହାଭାରତ): : ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଆଜି ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ନାଇଜର୍)ର ପଞ୍ଚଦଶ ଦୀକ୍ଷାନ୍ତ ସମାରୋହରେ ଉଦବୋଧନ ଦେଇଛନ୍ତି । ସେ ଯୁବ ବୈଜ୍ଞାନିକମାନଙ୍କୁ ବିଶ୍ୱସନୀୟତା ଏବଂ ସାମାଜିକ ଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ସହିତ ରାଷ୍ଟ୍ର ନିର୍ମାଣ ପାଇଁ ବିଜ୍ଞାନ ଏବଂ ନୂତନ ଉଦ୍ଭାବନର ଉପଯୋଗ କରିବାକୁ ଆହ୍ୱାନ କରିଛନ୍ତି ।

ଉପରାଷ୍ଟ୍ରପତି ନାଇଜରକୁ ବିଜ୍ଞାନ, ଉଦ୍ଭାବନ ଏବଂ ବୌଦ୍ଧିକ ନେତୃତ୍ୱ କ୍ଷେତ୍ରରେ ଭାରତର ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଥିବା ଏକ ଅନୁଷ୍ଠାନ ରୂପେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଜ୍ଞାନଭିତ୍ତିକ ଅର୍ଥବ୍ୟବସ୍ଥା, ବୈଷୟିକ ପ୍ରଗତି, ରାଷ୍ଟ୍ରୀୟ ସୁରକ୍ଷା ଏବଂ ଦୀର୍ଘସ୍ଥାୟୀ ବିକାଶକୁ ସୁଦୃଢ଼ କରିବା ଲାଗି ମୌଳିକ ବିଜ୍ଞାନ ପ୍ରତି ସମର୍ପିତ ଅନୁଷ୍ଠାନଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାଇଜର ବୈଜ୍ଞାନିକ ଶିକ୍ଷା ଏବଂ ଗବେଷଣା ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇଛି ଏବଂ ଦେଶ



ପାଇଁ ଦକ୍ଷ ବୈଜ୍ଞାନିକ କର୍ମଶକ୍ତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି ବୋଲି ସେ ଉଲ୍ଲେଖ କରିଥିଲେ ।

ଉପରାଷ୍ଟ୍ରପତି କହିଥିଲେ, ଆଜି ବିଶ୍ୱ ଅଭୂତପୂର୍ବ ସୁଯୋଗ ଏବଂ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି, ଯେଉଁଥିରେ ଜଳବାୟୁ ପରିବର୍ତ୍ତନ, ନୂଆ ନୂଆ ବ୍ୟାଧି, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଅତ୍ୟାଧୁନିକ ଧାତୁ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଅନ୍ତର୍ଭୁକ୍ତ। ଏପରି ପରିସ୍ଥିତିରେ, ବିଜ୍ଞାନ କେବଳ ଜ୍ଞାନ ସୃଷ୍ଟି କରିବା ଉଚିତ ନୁହେଁ ବରଂ ନୀତି ପ୍ରଣୟନକୁ ମାର୍ଗଦର୍ଶନ କରିବା ଏବଂ ଦୀର୍ଘସ୍ଥାୟିତ୍ୱ ସୁନିଶ୍ଚିତ କରିବା ଉଚିତ। ଭାରତ ଭଳି ଦେଶ ପାଇଁ ଏହାର ଜନସଂଖ୍ୟାଗତ ଶକ୍ତି ଏବଂ ବିକାଶମୂଳକ ଆକାଂକ୍ଷା ସହିତ ବୈଜ୍ଞାନିକ କ୍ଷମତା କୌଣସି ବିକଳ୍ପ ନୁହେଁ ବରଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲର ଆଧାର ବୋଲି ସେ ଜୋର୍ ଦେଇ କହିଥିଲେ । ଅଧିକ ଆନ୍ତଃବିଭାଗୀୟ ସହଯୋଗ ପାଇଁ ଆହ୍ୱାନ ଦେଇ ଉପରାଷ୍ଟ୍ରପତି କହିଥିଲେ ଯେ ସମସାମୟିକ ସମସ୍ୟାଗୁଡ଼ିକୁ ଗୋଟିଏ ଶୃଙ୍ଖଳାର ସୀମା ମଧ୍ୟରେ ସମାଧାନ କରାଯାଇପାରିବ ନାହିଁ। ସେ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଜିଜ୍ଞାସା ପୋଷଣ କରିବା, ବିଶ୍ୱସନୀୟତା ବଜାୟ ରଖିବା, ଆହ୍ୱାନକୁ ଗ୍ରହଣ କରିବା ଏବଂ ସମାଜର ବୃହତ୍ତର ମଙ୍ଗଳ ପାଇଁ ସେମାନଙ୍କର ଜ୍ଞାନ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ, ବିଜ୍ଞାନ କେବଳ ଉତ୍ତର ଖୋଜିବା ନୁହେଁ ବରଂ ସଠିକ୍ ପ୍ରଶ୍ନ ପଚାରିବା ବିଷୟ ଉପରେ ମଧ୍ୟ ଆଧାରିତ ।ବିଜ୍ଞାନ ଏବଂ ଉଦ୍ଭାବନରେ ଭାରତର ବର୍ଦ୍ଧିତ ପ୍ରତିଷ୍ଠା ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଥିଲେ, ମହାକାଶ ମିଶନ, ଟୀକା ବିକାଶ, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଏବଂ ଅକ୍ଷୟ ଶକ୍ତିରେ ଦେଶର ସଫଳତା ଏହାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିଛି। ସେ ସ୍ନାତକମାନଙ୍କୁ ଦାୟିତ୍ୱ ସହିତ ମହତ୍ତ୍ୱାକାଂକ୍ଷା ଏବଂ କରୁଣା ସହିତ ପ୍ରଗତି ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କର ଗବେଷଣା, ଉପାୟ ଏବଂ ଅଖଣ୍ଡତା ସମାଜର ଭବିଷ୍ୟତକୁ ଆକାର ଦେବ ବୋଲି ସେ କହିଥିଲେ ।

ଏହି ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି; ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ; କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ; କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଭୂବିଜ୍ଞାନ; ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଡିଓପିଟି, ପରମାଣୁ ଶକ୍ତି, ମହାକାଶ ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ; ପରମାଣୁ ଶକ୍ତି ବିଭାଗ ସଚିବ ଏବଂ ନାଇଜରର ଅଧ୍ୟକ୍ଷ ଡକ୍ଟର ଅଜିତ କୁମାର ମହାନ୍ତି; ଏକାଡେମିକ୍ କାଉନସିଲର ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ପ୍ରଫେସର ଏଚ୍.ଏନ୍. ଘୋଷ; ବରିଷ୍ଠ ଅଧିକାରୀ, ଅଧ୍ୟାପକ, ସ୍ନାତକୋତ୍ତର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

## ଟିଏମସି ଛାଡ଼ିଥିବା ସୁସ୍ମିତା, ସୁଖେନ୍ଦୁ ଓ ପ୍ରକାଶଙ୍କୁ ଟିକେଟ ଦେଲା ବିଜେପି

କୋଲକାତା,୧୦।୭(ମହାଭାରତ): : ପୂର୍ବତନ ତୃଣମୂଳ କଂଗ୍ରେସ (ଟିଏମସି) ରାଜ୍ୟସଭା ସାଂସଦ ସୁସ୍ମିତା ଦେବ, ସୁଖେନ୍ଦୁ ଶେଖର ରାୟ ଏବଂ ପ୍ରକାଶ ଚିକ ବଡ଼ାଇକଙ୍କୁ ପଶ୍ଚିମବଙ୍ଗରେ ଜୁଲାଇ ୨୪ ରେ ହେବାକୁ ଥିବା ରାଜ୍ୟସଭା ଉପ-ନିର୍ବାଚନ ପାଇଁ ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି ବିଜେପି। ଏହି ତିନି ନେତା ଦଳରେ ଯୋଗ ଦେବାର କିଛି ଦିନ ପରେ ବିଜେପି ଏହି ନିଷ୍ପତ୍ତି ନେଇଛି। ଗତ ମାସରେ ରାଜ୍ୟସଭାରୁ ଇସ୍ତଫା ଦେଇ ଟିଏମସି ଛାଡ଼ିଥିବା ଏହି ତିନି ନେତାଙ୍କୁ, ସଲ୍ଟଲେକ୍ ସ୍ଥିତ ବିଜେପିର ପଶ୍ଚିମବଙ୍ଗ ମୁଖ୍ୟାଳୟରେ ରାଜ୍ୟ ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରିଥିଲେ। ଗୁରୁବାର ଦିନର ପ୍ରାରମ୍ଭରେ, ଏହି ତିନିଜଣଙ୍କୁ ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ କରାଯିବ କି ନାହିଁ, ସେ ନେଇ ଭଟ୍ଟାଚାର୍ଯ୍ୟ ସ୍ପଷ୍ଟ କରିବାକୁ ମନା କରିଦେଇଥିଲେ। ସେ ସ୍ମିତହାସ୍ୟ ସହ କହିଥିଲେ, 'ଆଲୋଚନା ଚାଲୁ ରହୁ।' ଟିଏମସିର ନେତାମାନଙ୍କୁ ଦଳରେ ସାମିଲ ନ କରିବା ପାଇଁ ବିଜେପିର ପୂର୍ବ ଆଭିମୁଖ୍ୟ ସତ୍ତ୍ୱେ ଏହି ନେତାମାନଙ୍କୁ ଦଳରେ ସାମିଲ କରିବା ନିଷ୍ପତ୍ତିକୁ ସମର୍ଥନ କରି ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଏହା ଏକ 'ବ୍ୟତିକ୍ରମ'।

ସେ କହିଥିଲେ, ଆମେ କହିଥିଲୁ ଯେ ତୃଣମୂଳ ନେତାମାନଙ୍କ ପାଇଁ ଦ୍ୱାର ବନ୍ଦ ରହିଛି। ଆମେ ସେହି କଥାରେ କାଏମ ଅଛୁ। କିନ୍ତୁ ଯେଉଁମାନେ ଦୁର୍ନୀତିରେ ଲିପ୍ତ ନାହାନ୍ତି, ଲୋକଙ୍କୁ ଅତ୍ୟାଚାର କରିନାହାନ୍ତି, ଚାକିରି ବିକ୍ରି କରିନାହାନ୍ତି କିମ୍ବା ଲୋକଙ୍କ ଅଧିକାର ଛଡ଼ାଇ ନେଇନାହାନ୍ତି, ଟିଏମସି ବିରୋଧରେ ଲଢେଇରେ ଆମ ସହ ସାମିଲ ହେବା ପାଇଁ ସେମାନଙ୍କୁ ସଦାସର୍ବଦା ସ୍ୱାଗତ। ଏହି ନିଷ୍ପତ୍ତି ଠିକ୍ ବୋଲି ଯୁକ୍ତି ବାଢ଼ି ସେ କହିଛନ୍ତି ଯେ ଏହି ତିନି ପୂର୍ବତନ ସାଂସଦଙ୍କ ଅଭିଜ୍ଞତା ପଶ୍ଚିମବଙ୍ଗରେ ବିଜେପିକୁ ଅଧିକ ଶକ୍ତିଶାଳୀ କରିବ।

## ଜୁନିୟର ଇଞ୍ଜିନିୟରଙ୍କୁ ଧରିଲା ଭିଜିଲାନ୍ସ

ଭୁବନେଶ୍ୱର,୧୦।୭(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକରେ କାର୍ଯ୍ୟରତ ଜୁନିୟର ଇଞ୍ଜିନିୟର (ଜେଇ) ସୁଶୀଲ କୁମାର ସିଂହଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ନିଶ୍ଚିତକରଣ ଯୋଜନା (ମନରେଗା) ଅଧୀନରେ ଏକ କାର୍ଯ୍ୟର ଚୂଡ଼ାନ୍ତ ବିଲ୍ ପାସ୍ କରିବା ପାଇଁ ୩୨ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଅଧିକାରୀ ମାନେ ଧରିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି ।

ଭିଜିଲାନ୍ସ ପକ୍ଷରେ ଦିଆଯାଇଥିବା ସୂଚନା ଅନୁଯାୟୀ, ବଡ଼ସାହି ବ୍ଲକ ଅଧୀନ ଏକ ଗ୍ରାମ ପଂଚାୟତରେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ମନରେଗା ଯୋଜନାରେ ଏକ ମୋରମ୍‌ମେଟାଲ୍ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟର ତଦାରଖ ଜଣେ ମେଟ୍ କରୁଥିଲେ। କାମ ଶେଷ ହେବା ପରେ ସେ ଗତ କିଛି ମାସ ଧରି ଚୂଡ଼ାନ୍ତ ବିଲ୍ ପାସ୍ କରିବା ପାଇଁ ସମ୍ପୃକ୍ତ ଜେଇଙ୍କୁ ଅନୁରୋଧ କରୁଥିଲେ।ଅଭିଯୋଗ ଅନୁସାରେ, ଜେଇ ସୁଶୀଲ କୁମାର ସିଂହ ଚୂଡ଼ାନ୍ତ ବିଲ୍ ପାସ୍ କରିବା ପାଇଁ ୩୨ ହଜାର ଟଙ୍କା ଲାଂଚ ଦାବି କରିଥିଲେ, ଯାହା ପ୍ରକଳ୍ପ ବ୍ୟୟର ପ୍ରାୟ ୭ ପ୍ରତିଶତ। ଅଭିଯୋଗକାରୀ ଲାଂଚ ଦେବାରେ ଅସମର୍ଥତା ପ୍ରକାଶ କରିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କ ଦାବିରେ ଅଟଳ ରହିଥିଲେ। ଶେଷରେ ନିରୁପାୟ ହୋଇ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।ଅଭିଯୋଗର ଯାଂଚ ପରେ ଭିଜିଲାନ୍ସ ଅଧିକାରୀମାନେ ଜାଲ ବିଛାଇ ଅଭିଯୁକ୍ତଙ୍କୁ ୩୨ ହଜାର ଟଙ୍କା ଲାଂଚ ଗ୍ରହଣ କରୁଥିବା ବେଳେ କାବୁ କରିଥିଲେ। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଂଚ ଅର୍ଥ ଜବତ କରାଯାଇଛି।ଗିରଫ ପରେ ଭିଜିଲାନ୍ସ ପକ୍ଷରୁ ଜେଇ ସୁଶୀଲ କୁମାର ସିଂହଙ୍କ ସହ ସମ୍ପୃକ୍ତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ଆୟବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ତଦନ୍ତ ଜାରି ରହିଛି। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ର ଧାରା-୭ ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ପି.ଏସ୍. କେସ୍ ନଂ-୧୦/୨୦୨୬ ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି।

## ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୦।୭(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଆଉ ଏକ ଲଘୁଚାପ। ଏହି ଆକଳନ କରିଛି ବିଭିନ୍ନ ପାଣିପାଗ ମଡେଲ୍। ପାଣିପାଗ ବିଜ୍ଞାନୀଙ୍କ ଆକଳନ ଅନୁସାରେ, ଆସନ୍ତା ୧୪ କିମ୍ବା ୧୫ ତାରିଖରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ,



ଯାହାକି ଲଘୁଚାପର ରୂପ ନେଇପାରେ । ଏହା ପ୍ରଭାବରେ ରାଜ୍ୟରେ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଓଡିଶା ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପର ସୃଷ୍ଟି ହୋଇପାରେ । ଘୂର୍ଣ୍ଣିବଳୟ ସକ୍ରିୟ ହେବା ପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିଛି । ଏଭଳି ହେଲେ ଆସନ୍ତା ୧୩ ତାରିଖରୁ ରାଜ୍ୟରେ ବର୍ଷା ବଢିପାରେ। ତେବେ ଆସନ୍ତା ତିନି ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଦେଖିବାକୁ ମିଳିବ । କିଛି ସ୍ଥାନରେ ଘଡଘଡି ବିଜୁଳି ସହିତ ବର୍ଷା ପବନ ହେବାନେଇ ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

## ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରାର ୫ମ କିସ୍ତି

ଭୁବନେଶ୍ୱର,୧୦।୭(ମହାଭାରତ): ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ୫ମ କିସ୍ତି ବିତରଣକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଶୁକ୍ରବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜୁଲାଇ ୨୫ ସୁଦ୍ଧା ଯୋଜନା ଅଧୀନରେ ଅବଶିଷ୍ଟ ସମସ୍ତ ଆବେଦନର ଯାଂଚ, ଯୋଗ୍ୟତା ନିର୍ଦ୍ଧାରଣ ଓ ବ୍ୟାଙ୍କ ଲିଙ୍କ୍ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପମୁଖ୍ୟମନ୍ତ୍ରୀ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧,୧୫,୭୫,୬୩୩ଟି ଆବେଦନ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩,୧୭,୯୬୬ଟି ନୂତନ ଆବେଦନ ପ୍ରାପ୍ତ ହୋଇଛି। ସମସ୍ତ ଯାଂଚ ଓ ଯୋଗ୍ୟତା ନିର୍ଣ୍ଣୟ ପରେ ୧,୦୨,୦୪,୩୯୬ ଜଣ ସମ୍ଭାବ୍ୟ ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଯାଂଚରେ ମୃତ୍ୟୁ ନିଶ୍ଚିତ ହୋଇଥିବା ୫,୨୭୭ ଜଣ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ୧,୦୧,୯୯,୧୧୯ ଜଣଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି।ବୈଠକରେ ଡିବିଟି ସକ୍ରିୟକରଣ, ଇ-କେୱାଇସି, ଫିଲ୍ଡ ଏନକ୍ୱାରୀ, ଏନପିସିଆଇ ମ୍ୟାପିଂ, ପେମେଂଟ ଫାଇଲ୍ ପ୍ରସ୍ତୁତି ଓ ବ୍ୟାଙ୍କ ସମନ୍ୱୟ ଆଦି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଫିଲ୍ଡ ଏନକ୍ୱାରୀ ପାଇଁ ପଠାଯାଇଥିବା ସମସ୍ତ ଆବେଦନର ଯାଂଚ ଓ ନିଷ୍ପତ୍ତି ପ୍ରକ୍ରିୟାକୁ ଆସନ୍ତା ୨୫ ଜୁଲାଇ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବା ସହ ଏହାର ଅଗ୍ରଗତିକୁ ଦୈନିକ ଭିତିରେ ସମୀକ୍ଷା କରିବା ପାଇଁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଲାଞ୍ଚ ମାମଲାରେ ୧ ବର୍ଷ କାରାଦଣ୍ଡ

ଭୁବନେଶ୍ୱର,୧୦।୭(ମହାଭାରତ): ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ରୁଜୁ ହୋଇଥିବା ଏକ ଲାଂଚ ନେବା ମାମଲାରେ ଭୁବନେଶ୍ୱରସ୍ଥିତ ଜିଲ୍ଲା ଶ୍ରମ ଅଧିକାରୀ (ଡିଏଲଓ) କାର୍ଯ୍ୟାଳୟର ଅବସରପ୍ରାପ୍ତ ଡିଲିଂ ଆସିଷ୍ଟାଣ୍ଟ ଗୌରାଙ୍ଗ ମାର୍ଥୀଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷର ସାଧାରଣ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ପରେ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଆଜି ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷର ସାଧାରଣ କାରାଦଣ୍ଡ ଏବଂ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

# ଘରକୁ ଘର ବୁଲି ହେବ ଭୋଟର ସର୍ଭେ

ଭୁବନେଶ୍ୱର,୧୦।୭(ମହାଭାରତ): ରାଜ୍ୟରେ ଆସନ୍ତା ୨୦୨୭ ଜାନୁୟାରୀ-ଫେବୃୟାରୀରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପରେ ପରେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଏହି ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଓ ସରକାରୀସ୍ତରରେ ପଦକ୍ଷେପ ନିଆଯାଇଛି।

ନିର୍ବାଚନ ପାଇଁ ୱାର୍ଡ ଓ ବୁଥସ୍ତରୀୟ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ 'ଘରକୁ ଘର ବୁଲି ସର୍ଭେ?' କରାଯିବା ସହିତ ସୀମା ନିର୍ଦ୍ଧାରଣ ଓ ସିଟ୍ ସଂରକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ବିସ୍ତୃତ ପରିଚାଳନା ଓ ରଣନୀତି ଉପରେ ଚୂଡ଼ାନ୍ତ ମୋହର ପାଇଁ ଆସନ୍ତା ୨୧ତାରିଖରେ ଜିଲ୍ଲାପାଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ।ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ୨୧ତାରିଖ ପୂର୍ବାହ୍ନ ସାଢେ ୧୧ଟାରୁ ଓସ୍ୱାନ୍ ପ୍ଲାଟଫର୍ମରେ ବୈଠକ କରାଯିବ ବୋଲି କୁହାଯାଇଛଇ। ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୭ ପଂଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତାବିତ 'ଘରକୁ ଘର ବୁଲି ସର୍ଭେ?'ର ସବିଶେଷ ଯୋଜନା, ୱାର୍ଡ ଅନୁସାରେ ଭୋଟର ମ୍ୟାପିଙ୍ଗ ଓ ବୁଥସ୍ତରୀୟ ପ୍ରସ୍ତୁତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ।ଏହି ବୈଠକରେ ଜିଲ୍ଲାପାଳଙ୍କ ବ୍ୟତୀତ ପୌର ନିର୍ବାଚାନର ନୋଡାଲ ଅଫିସର ଥିବା ଅତିରିକ୍ତ ଜିଲ୍ଲାପାଳ, ସମସ୍ତ ଇଆରଓ, ଏଇଆରଓ ଓ ସହାୟକ ଜିଲ୍ଲାପାଳମାନଙ୍କୁ ନିଜ ନିଜ ଜିଲ୍ଲାର ଓସ୍ୱାନ୍ କେନ୍ଦ୍ରରେ ଉପସ୍ଥିତି ରହିବାକୁ କୁହାଯାଇଛି। କେବଳ ସେତିକି ନୁହେଁ ୨୦୨୨ ପୌର ନିର୍ବାଚନ ସହ ଜଡ଼ିତ ଥିବା ବକେୟା ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ ପ୍ରକ୍ରିୟାର ସ୍ଥିତି ଉପରେ ମଧ୍ୟ ରାଜ୍ୟ ନିର୍ବାଚନ ଆୟୋଗ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ପଂଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତିକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ସରକାରୀସ୍ତରରେ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ମଧ୍ୟ ସମାନ୍ତରାଳ ଭାବେ ଆଗକୁ ନିଆଯାଇଛି।ପଂଚାୟତିରାଜ ବିଭାଗ ପକ୍ଷରୁ ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ପଦବୀଗୁଡ଼ିକ ପାଇଁ ଆସନ ସଂରକ୍ଷଣ ୨୦୨୬ ଏପ୍ରିଲ ସୁଦ୍ଧା ଚୂଡ଼ାନ୍ତ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ କରିବା ପାଇଁ ଜିଆଇଏସ୍ ମ୍ୟାପିଙ୍ଗ ବ୍ୟବସ୍ଥାର ବ୍ୟବହାର କରାଯାଉଛି। ବାଲାଟ ପେପର ପ୍ରସ୍ତୁତି ଓ ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟସ୍ତରରେ ସର୍ଭେ? କାର୍ଯ୍ୟକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି।



# ଜୀବନଚର୍ଯ୍ୟା





## ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାଟି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାଟି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



ଖବର

## ୭ ମାସ ବିଳମ୍ବରେ ମୁକ୍ତିଲାଭ କରିବ 'ଜନ ନାୟଗନ'




ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'ଜନ ନାୟଗନ' କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି) ପ୍ରମାଣପତ୍ର ପାଇଛି। ସିବିଏଫସି ସ୍ୱୀକୃତି ପାଇବାକୁ ଫିଲ୍ମରେ ଅନେକ ପରିବର୍ତ୍ତନ କରିବାକୁ ପଡ଼ିଛି। ବିଶେଷକରି 'ଟିଭିକେ' ଶବ୍ଦ ହଟାଇବାକୁ ପଡ଼ିଛି। ଫିଲ୍ମରେ ବିଜୟଙ୍କ ଚରିତ୍ରର ନାମ ଥାଲାପଥି ଭେଟ୍ରି କୋଣ୍ଡନ ବା ସଂକ୍ଷେପରେ ଟିଭିକେ ରହିଛି। ଫିଲ୍ମ ବାଦ୍ ଟିଭିକେର ଅର୍ଥ ବିଜୟଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ)କୁ ବୁଝାଏ। ଅଡିଓ ଓ ଭିଡିଓ ଉଭୟରେ 'ଟିଭିକେ'ର ବ୍ୟବହାରକୁ ହଟାଇ ଦିଆଯାଇଥିଲା। ଫିଲ୍ମ ଅବଧିରେ କୌଣସି ପରିବର୍ତ୍ତନ ବିନା ଅନେକ ଦୃଶ୍ୟ ଓ ସଂଳାପକୁ ମ୍ୟୁଟ୍ ଓ ସଂଶୋଧିତ କରାଯାଇଥିଲା। ଫିଲ୍ମର ଗୋଟିଏ ଦୃଶ୍ୟରେ ଭାରତର ଜାତୀୟ ପତାକା ତଳେ ପଡ଼ି ଯାଉଥିବା ଦୃଶ୍ୟକୁ ହଟାଯାଇଥିଲା। ଫିଲ୍ମର ଅବଧି ବର୍ତ୍ତମାନ ୩ ଘଣ୍ଟା ୩ ମିନିଟ୍ ରହିଛି। ଏଚ୍ ଭିନୋଥଙ୍କ ନିର୍ଦ୍ଦେଶିତ 'ଜନ ନାୟଗନ'ରେ ବିଜୟ, ପୂଜା ହେଗଡେ, ବବି ଦେଓଲ, ମମିଥା ବୈଜୁ, ଗୌତମ ବାସୁଦେବ ମେନନ, ପ୍ରକାଶ ରାଜ ଓ ନରେନ୍ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରକୁ ବିଜୟଙ୍କ ଶେଷ ଚଳଚ୍ଚିତ୍ର ଭାବରେ ବର୍ଣ୍ଣନା କରାଯାଇଛି ଓ ଜୁଲାଇ ୨୩ କିମ୍ବା ଜୁଲାଇ ୨୪ରେ ଫିଲ୍ମଟି ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି। ଫିଲ୍ମରେ ପ୍ରଥମେ ଜାନୁଆରି ମାସରେ ମୁକ୍ତିଲାଭ କରିଥାନ୍ତା। ତେବେ ସିବିଏଫ୍ସି ସ୍ୱୀକୃତି ନ ମିଳିବାରୁ ଫିଲ୍ମଟି ୭ ମାସ ବିଳମ୍ବରେ ରିଲିଜ ହେବାକୁ ଯାଉଛି।

## ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରେ ତେଜପତ୍ର



ମଧୁମେହ ଏକ ଜଟିଳ ଶାରୀରିକ ସମସ୍ୟା। ମଧୁମେହକୁ ସଂପୂର୍ଣ୍ଣଭାବେ ଦୂର କରାଯାଇପାରିବ ନାହିଁ, କିନ୍ତୁ ଔଷଧ କିମ୍ବା ଘରୋଇ ଉପଚର ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ଏହି ଘରୋଇ ଉପଚାରରେ ତେଜ ପତ୍ରର ବ୍ୟବହାର ଅତି ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ନୁହେଁ ବରଂ ଅନ୍ୟାନ୍ୟ ଅନେକ ଲାଭ ମଧ୍ୟ ଦେଇଥାଏ । ମଧୁମେହ ରୋଗୀଙ୍କ ପାଇଁ ତେଜପତ୍ରର ବ୍ୟବହାର ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ରକ୍ତରେ ଶର୍କରା ସ୍ତରକୁ ସ୍ୱାଭାବିକ ରଖିବାରେ ସାହାଯ୍ୟ କରେ। ଏହା ହୃଦୟକୁ ମଧ୍ୟ ଉପକାର କରିଥାଏ । ତେଜପତ୍ର ଗୁଡିକରେ ଭିଟାମିନ୍-ଏ ଏବଂ ଭିଟାମିନ୍-ସି ରହିଛି । ଭିଟାମିନ୍-ଏ ଆମ ଆଖି ସହିତ ଜଡିତ ସମସ୍ୟାକୁ ଦୂର କରିବା ପାଇଁ କାର୍ଯ୍ୟ କରିଥାଏ । ଯେତେବେଳେ ଭିଟାମିନ୍-ସି ଶରୀରରେ ଧଳା ରକ୍ତ କଣିକା ସଂଖ୍ୟାକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ବାସ୍ତବରେ, ଶ୍ୱେତ ରକ୍ତ କଣିକା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ତେଜପତ୍ରର ବ୍ୟବହାର ହଜମ ଜନିତ ସମସ୍ୟା ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ଅନେକ ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାର ବ୍ୟବହାର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଘୂର୍ଣ୍ଣନ ଭଳି ସମସ୍ୟାରୁ ମୁକ୍ତି ଦେଇପାରେ । ଆପଣ ଏହାକୁ ସକାଳର ଚା ସହିତ ମଧ୍ୟ ଖାଇପାରିବେ । ତେଜପତ୍ରକୁ ଫୁଟାନ୍ତୁ ଏବଂ ଥଣ୍ଡା ହେବା ପରେ ସେହି ପାଣି ପିଅନ୍ତୁ । ଏହା କିଡନୀ ପଥର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟାରେ ଯଥେଷ୍ଟ ଆରାମ ପ୍ରଦାନ କରିଥାଏ ।

## ଚିତ୍ତରେ କେବଳ ଈଶ୍ୱରଙ୍କୁ ସ୍ମରଣ

ଭାଗବତ ମହାତ୍ମ୍ୟରେ ଏକ ଶ୍ଲୋକ ରହିଛି । "ସଚ୍ଚିଦାନନ୍ଦରୂପାୟ ବିଶୋତ୍ପତ୍ୟାଦିହେତବେ । ତାପତ୍ରୟବିନାଶାୟ ଶ୍ରୀକୃଷ୍ଣାୟ ବୟଂ ନମଃ" ଏହି ଶ୍ଲୋକଟି ସଚ୍ଚିଦାନନ୍ଦରୂପାୟରୁ ଆରମ୍ଭ ହେଉଛି । ଏହାର ଅର୍ଥ ଭାଗବତରେ ଭଗବାନଙ୍କୁ ତିନୋଟି ସ୍ୱରୂପ- ସତ୍, ଚିତ୍ତ ଏବଂ ଆନନ୍ଦ ରୂପେ ଦର୍ଶାଯାଇଛି । ତେଣୁ ଭଗବାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ସତ୍, ଚିତ୍ତ ଏବଂ ଆନନ୍ଦ ମାର୍ଗ ଦେଇ ଯିବାକୁ ପଡ଼ିଥାଏ । ଏହି ତିନୋଟି ବାଟ ଦେଇ ଭଗବାନଙ୍କ ନିକଟରେ ପହଞ୍ଚିହେବ । ଚାହିଁବାମାତ୍ରେ



ଭଗବାନ ଚତୁର୍ଭୁଜ ରୂପରେ ପ୍ରକଟ ହୋଇଯିବେ ନାହିଁ । ଭଗବାନଙ୍କ ପ୍ରଥମ ସ୍ୱରୂପ ହେଉଛି ସତ୍ୟ । ତେଣୁ ସତ୍ୟ ମାର୍ଗରେ ଗଲେ ଭଗବାନଙ୍କ ନିକଟତର ହୋଇପାରିବେ । ଚିତ୍ତ ଭଗବାନଙ୍କ ଆଉ ଏକ ସ୍ୱରୂପ । ମନୁଷ୍ୟ ନିଜର ଚିତ୍ତ ବା ହୃଦୟରେ ସର୍ବଦା ଭଗବାନଙ୍କୁ ସ୍ମରଣ କରିବା ଆବଶ୍ୟକ। ଏହାଦ୍ୱାରା ହୃଦୟରେ ଭଗବାନ ବାସ କରିବେ ତଥା ମନୁଷ୍ୟର ଚିତ୍ତ ଶୁଦ୍ଧ ହୋଇପାରିବ । ସେହିପରି ଆନନ୍ଦ ମନୁଷ୍ୟର ମୂଳ ସ୍ୱଭାବ । ଏହାସତ୍ତ୍ୱେ ମନୁଷ୍ୟ ଜଞ୍ଜାଳରେ ବୁଡ଼ିଯାଇ ଜୀବନର ଆନନ୍ଦ ନେବାକୁ ଭୁଲିଯାଇଥାଏ । ତେଣୁ ସତ୍, ଚିତ୍ତ ଏବଂ ଆନନ୍ଦ ଜରିଆରେ ଭଗବାନଙ୍କୁ ପ୍ରାପ୍ତି କରିବା ସମ୍ଭବ । ଭଗବାନଙ୍କୁ ପ୍ରାପ୍ତ କରିବାକୁ ହେଲେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହେବାର ଆବଶ୍ୟକତା ନାହିଁ । ଘର ଛାଡ଼ି ତୀର୍ଥ ବୁଲିବା ଦରକାର ନାହିଁ କିମ୍ବା କଠୋର ରାସ୍ତାରେ ଯାଇ କଠିନ ତପ କରିବାର ଆବଶ୍ୟକତା ନାହିଁ । ଜୀବନରେ ସତ୍ୟ ମାର୍ଗରେ ଗମନ କରିବା ସହ ଚିତ୍ତରେ କେବଳ ଈଶ୍ୱରଙ୍କୁ ସ୍ମରଣ କରିବା ଦ୍ୱାରା ଭଗବତ୍ ପ୍ରାପ୍ତିର ଆନନ୍ଦ ମନୁଷ୍ୟ ପାଇପାରିବ ।

## ହନୁମାନ ଚାଳିଶା ପାଠର ଅବ୍ୟର୍ଥ ଶକ୍ତି



ହନୁମାନ ଚାଳିଶା ହନୁମାନଙ୍କ କୃପା ପାଇବାର ସବୁଠୁ ସରଳ ଏବଂ ଶ୍ରେଷ୍ଠ ମାଧ୍ୟମ। ହନୁମାନ ଚାଳିଶାର ପ୍ରୟୋଗ ଆମ ଜୀବନରେ ଏକ ସଠିକ୍ ଉପାୟ ଭାବେ କାମ କରିଥାଏ। ହନୁମାନ ଚାଳିଶାର ଏହି ଛୋଟ ଛୋଟ ଉପାୟ ବ୍ୟକ୍ତିଙ୍କ ଜୀବନରେ ଅନେକ ସଙ୍କଟରୁ ମୁକ୍ତି ଦେଇଥାଏ। ଯଦି ଆପଣଙ୍କ ମନରେ ଭୟ କିମ୍ବା ସବୁବେଳେ ଡରର ସ୍ଥିତି ରହିଥାଏ, ତେବେ ହନୁମାନ ଚାଳିଶା ପ୍ରତିଦିନ ପାଠ କରନ୍ତୁ। ଏହା ଦ୍ୱାରା ଆପଣଙ୍କୁ ନିର୍ଭୟତା ପ୍ରାପ୍ତି ହେବ।

ଘରୁ ବାହାରକୁ ଯିବା ସମୟରେ, ଖାସ୍ କରି ଗାଡ଼ି ଚଲାଇବାବେଳେ ନିଜ ସହ ଏକ ଛୋଟ ହନୁମାନ ଚାଳିଶା ସବୁବେଳେ ସାଥିରେ ରଖନ୍ତୁ। ଦୁର୍ଘଟଣାରୁ ବର୍ତ୍ତିବେ।

ଯଦି ଛୋଟ ପିଲା ରାତିରେ ଶୋଇବାବେଳେ ହଠାତ୍ ଡରୁଛନ୍ତି ତେବେ ତାଙ୍କ ମୁଣ୍ଡ ପାଖରେ ଏକ ହନୁମାନ ଚାଳିଶା ରଖନ୍ତୁ। ଏହି ସମସ୍ୟାରୁ ମୁକ୍ତି ମିଳିବ।

ଯଦି ଶନିଙ୍କ ସାଢ଼େସାତୀ କାରଣରୁ ଜୀବନରେ ସଂଘର୍ଷ ବଢ଼ୁଛି ତେବେ ପ୍ରତିଦିନ ହନୁମାନ ଚାଳିଶା ପାଠ କରନ୍ତୁ। ଏହା ଦ୍ୱାରା ସ୍ଥିତି ଅନୁକୂଳ ହେବ।

ଇଣ୍ଟରଭ୍ୟୁରେ ଯିବା ପୂର୍ବରୁ ହନୁମାନ ଚାଳିଶା ପାଠ କରନ୍ତୁ। ଆପଣ ଡରିବେ ନାହିଁ।

ଯଦି ଜାତକରେ ମଙ୍ଗଳ ଦଶା ଚାଲୁଛି ତେବେ ନିୟମିତ ହନୁମାନ ଚାଳିଶା ପାଠ କରନ୍ତୁ। ଭଲ ପରିଣାମ ଆସିବ।

କରଜର ସମସ୍ୟା ଅଧିକ ହେଲେ ସକାଳ-ସନ୍ଧ୍ୟାରେ ୩-୩ଥର ହନୁମାନ ଚାଳିଶା ପାଠ କରିବା ଦ୍ୱାରା ଲାଭ ମିଳିବ।

ଯଦି ଆପଣଙ୍କ କୌଣସି ଜମି କିମ୍ବା ପ୍ରପର୍ଟି ବିକ୍ରି ହେଉନାହିଁ ତେବେ ଘରେ ମାରୁତି ଯନ୍ତ୍ର ସ୍ଥାପିତ କରି ଏହା ସମ୍ମୁଖରେ ପ୍ରତିଦିନ ହନୁମାନ ଚାଳିଶା ପାଠ କରିବା ଦ୍ୱାରା ଭଲ ପରିଣାମ ମିଳିବ।

ଯଦି ଅକାରଣରେ ଆପଣଙ୍କ ଜେଲ୍ ଯିବାର ପରିସ୍ଥିତି ଉପୁଜୁଛି ତେବେ ହନୁମାନ ଚାଳିଶା ପାଠର ଏକ ଅନୁଷ୍ଠାନ କରନ୍ତୁ, ଚମତ୍କାର ପରିଣାମ ମିଳିବ।



## ରାବଣର ବଂଶବୃକ୍ଷ

ରାବଣ ଅତ୍ୟନ୍ତ ଶକ୍ତିଶାଳୀ ଥିଲା, ଜ୍ଞାନୀ ଥିଲା ଏବଂ ବ୍ରାହ୍ମଣ ଥିଲା। ହେଲେ ଚରିତ୍ରହୀନ, ଅହଂକାରୀ,



ଅପରିଣାମଦର୍ଶୀ ଥିବାରୁ ତା'ର ପତନ ଘଟିଲା । ରାବଣ ଭଗବାନ ଶିବଙ୍କର ପରମ ଭକ୍ତ ଥିଲା । ତା'ର ଦଶଟି ମସ୍ତକ ଥିଲା । ଏହି ଦଶ ମସ୍ତକ ୬ଟି ଶାସ୍ତ୍ର ଏବଂ ଦୁଇଟି ବେଦର ପ୍ରତୀକ ଥିଲା। ସେଥିପାଇଁ ରାବଣ ପ୍ରକାଣ୍ଡ ପଣ୍ଡିତ ଉପାଧି ପାଇଥିଲା । ରାବଣ ଥିଲା ବିଶ୍ରବା ଋଷିଙ୍କ ପୁତ୍ର । ସାବତ ଭାଇଙ୍କୁ ମିଶାଇ ରାବଣର ୬ ଭାଇଥିଲେ- କୁବେର, ବିଭୀଷଣ, କୁମ୍ଭକର୍ଣ୍ଣ, ଅହିରାବଣ, ଖର ଏବଂ ଦୂଷଣ । ରାବଣର ଦୁଇ ଭଉଣୀ ଥିଲେ- ସୂପର୍ଣଖା ଏବଂ କୁମ୍ଭିନୀ । ମଧୁରାର ରାଜା ମଧୁ ରାକ୍ଷସଙ୍କ ପତ୍ନୀ ଥିଲା କୁମ୍ଭିନୀ । ତା'ର ପୁତ୍ର ଥିଲା ରାକ୍ଷସ ଲବଣାସୁର । ଖର-ଦୂଷଣ, କୁମ୍ଭିନୀ, ଅହିରାବଣ ଏବଂ କୁବେର, ରାବଣର ସାବତ ଭାଇ-ଭଉଣୀ ଥିଲେ । ରାବଣ ତିନି ଜଣ ପତ୍ନୀଙ୍କୁ ବରଣ କରିଥିଲା । ମାୟାସୁରର କନ୍ୟା ମନ୍ଦୋଦରୀ ଥିଲା ରାବଣର ପାଟରାଣୀ । ଏହାବ୍ୟତୀତ ଦମ୍ୟମାଳିନୀ ଏବଂ ଅନ୍ୟ ଜଣେ ସ୍ତ୍ରୀକୁ ରାବଣ ବାହା ହୋଇଥିଲା । ତେବେ ରାବଣର ତୃତୀୟ ପତ୍ନୀ ବିଷୟରେ ସବିଶେଷ ସୂଚନା ଧର୍ମଗ୍ରନ୍ଥରେ ଉଲ୍ଲେଖ ନାହିଁ । ତେବେ ଏହି ପତ୍ନୀ ତିନି ଜଣ ପୁତ୍ରଙ୍କୁ ଜନ୍ମଦେବା ପରେ ରାବଣ ତା'କୁ ବଧ କରିଥିଲା । ରାବଣର ପତ୍ନୀ ଦମ୍ୟମାଳିନୀ ବିଷୟରେ ଏକ ରୋଚକ ପ୍ରସଙ୍ଗ ବର୍ଣ୍ଣିତ । ସୀତା ସ୍ୱୟମ୍ବରରେ ବିଜୟୀ ନହେବା ଫଳରେ ରାବଣ ବିଚଳିତ ହୋଇପଡ଼ିଥିଲା । ଏହି ସମୟରେ ଦମ୍ୟମାଳିନୀ ତା'କୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଥିଲା । ଏହାପରେ ରାବଣ ତା'କୁ ବିବାହ କରିଥିଲା । ରାବଣର ସାତ ଜଣ ପୁତ୍ର ଥିଲେ । ମନ୍ଦୋଦରୀଙ୍କ ଗର୍ଭରୁ ମେଘନାଦ ଏବଂ ଅକ୍ଷୟ କୁମାର, ଦମ୍ୟମାଳିନୀର ଗର୍ଭରୁ ଅତିକାୟ ଏବଂ ତ୍ରିଶୀର ଏବଂ ତୃତୀୟ ପତ୍ନୀ ଗର୍ଭରୁ ତିନି ପୁତ୍ର- ପ୍ରହସ୍ତ, ନରାନ୍ତକ ଏବଂ ଦେବାନ୍ତକଙ୍କ ଜନ୍ମ ହୋଇଥିଲା । ବାଲ୍ମିକୀ ରାମାୟଣରେ ରାବଣର ତୃତୀୟ ପତ୍ନୀ ଠାରୁ ଜାତ ଏହି ତିନିପୁତ୍ରଙ୍କ ବିଷୟରେ ବର୍ଣ୍ଣନା ରହିଛି ।

### ପଂଚସଖା ଶିକ୍ଷା ସେତୁର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ

# ବିଦ୍ୟାଳୟ ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ହେବାକୁ ଆହ୍ୱାନ

ଭୁବନେଶ୍ୱର, ୯।୭ (ମହାଭାରତ): ପଂଚସଖା ଶିକ୍ଷା ସେତୁ ସଂଗଠନର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସଂଗଠନର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଗଠନ ମାଧ୍ୟମରେ ବିଦ୍ୟାଳୟମାନଙ୍କରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ ବର୍ଷର କାର୍ଯ୍ୟଯୋଜନା, ବଜେଟ୍ ଏବଂ ସଂଗଠନର ସାମଗ୍ରିକ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବବିଦ୍ୟାଳୟରେ ଶିକ୍ଷାର ବିକାଶ ପାଇଁ ପଂଚଶିକ୍ଷା ସେତୁ ସଂଗଠନ କିପରି କାର୍ଯ୍ୟ କରୁଛି, ସେଥିରେ ସ୍ଥାନୀୟ ଜନସାଧାରଣ ତଥା ଅଭିଭାବକମାନଙ୍କ ଠାରୁ ପରାମର୍ଶ ଓ ମତାମତ ସଂଗ୍ରହ ସହ ନିଜ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।ସଂଗଠନର କାର୍ଯ୍ୟାବଳୀ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍ ତିରୁମାଳା ନାଏକ ଉପସ୍ଥାପନ କରିଥିଲେ । ବୈଠକରୁ ଜଣାଯାଇଛି ଯେ, 'ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ' ଅଧୀନରେ ଏପର୍ଯ୍ୟନ୍ତ ରାଜ୍ୟରେ ୧୧.୫୬ ଲକ୍ଷରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସଂଯୁକ୍ତ ହୋଇଥିବା ବେଳେ ୮୦,୩୩୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ୨୮୮ କୋଟି ଟଙ୍କାରୁ ଅଧିକ ଅବଦାନ ସଂଗୃହୀତ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ୫୭୧ କୋଟି ଟଙ୍କାର ଦୁଇଗୁଣା ମ୍ୟାଚିଂ ଗ୍ରାଂଟ ପ୍ରଦାନ କରାଯାଇଛି। ଏହି ଅନୁଦାନ ବିଦ୍ୟାଳୟଗୁଡ଼ିକର ମରାମତି, ଅତିରିକ୍ତ ଶ୍ରେଣୀଗୃହ ଏବଂ ବହୁମୁଖୀ ସଭାଗୃହ ନିର୍ମାଣ, ବିଜ୍ଞାନାଗାର, ପାଠାଗାର,



ରୋଷେଇ ଘର, ସାଇକେଲ ଷ୍ଟାଣ୍ଡ, ଆସବାବପତ୍ର ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଭଳି କାର୍ଯ୍ୟ କରାଯାଉଛି ।ଆଗାମୀ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ନିମନ୍ତେ ୮୦ କୋଟି ଟଙ୍କା ପ୍ରାବଧାନ ରଖାଯାଇଛି। ୨୦୨୫-୨୬ ବର୍ଷରେ ମୋଟ ୨୦,୦୬୪ ପୁରାତନ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟମାନଙ୍କ ସହ ଯୋଡ଼ିହୋଇଛନ୍ତି ଏବଂ ସେମାନେ ୧୫.୮୭ କୋଟିର ଅନୁଦାନ ପ୍ରଦାନ କରିଥିବା ବେଳେ ସରକାରଙ୍କ ପକ୍ଷରୁ ୨ ଗୁଣା ଅନୁଦାନ ହିସାବରେ ୩୧.୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ବୈଠକରେ ପଂଚସଖା ଶିକ୍ଷା ସେତୁ ସଂଗଠନର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରିତା ସଫଳ କାହାଣୀ ଉପସ୍ଥାପନ କରାଯାଇଥିଲା । ପଂଚସଖା ଶିକ୍ଷା ସେତୁ ସଂଗଠନର କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହାର ୱେବ୍ ସାଇଟ୍ କୁ ବିକଶିତ ଓ ଅଦ୍ୟତନ କରିବା ସହ ଏହାକୁ ଯେପରି ପୁରାତନ ଛାତ୍ରଛାତ୍ରୀମାନେ ସୁବିଧାରେ ଓ ସହଜରେ ବ୍ୟବହାର କରି ସେମାନଙ୍କର ଅନୁଦାନ ରାଶି ବିଦ୍ୟାଳୟକୁ ପଠାଇପାରିବେ ଓ ତଥ୍ୟ ଜାଣିପାରିବେ, ସେ ସଂପର୍କରେ ପରାମର୍ଶ ଦେଇଥିଲେ । ପଂଚସଖା ଶିକ୍ଷା ସେତୁ ସଂଗଠନ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ ସଙ୍ଗେ ସଙ୍ଗେ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶରେ କିପରି ଯୋଗଦାନ ଦେଇପାରିବ, ସେଥିପ୍ରତି ଆଗେଇ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥି ସହିତ ସେ ସଂଗଠନପରିଚାଳନା କମିଟି ପୁନର୍ଗଠନ କରିକେତେକ ନୂତନ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଐତିହ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ, ଆକାଂକ୍ଷୀ ପାଠ୍ୟକ୍ରମ ଓ ଆକାଂକ୍ଷୀ ପରିଷଦ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଦ୍ୟାଳୟର ପରିଚ୍ଛନ୍ନତା ଓ ସୁରକ୍ଷା ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ହଲ୍ ନିର୍ମାଣ ସମେତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା ।ବିଦ୍ୟାଳୟ ସମ୍ପତ୍ତିର ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ, କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ଅବଦାନ ବୃଦ୍ଧି, ଆଲୁମନି ସଂଯୋଗକୁ ଅଧିକ ବ୍ୟାପକ କରିବା ସହ ଡିଜିଟାଲ୍ ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳନାକୁ ସରଳ, ସହଜକରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରକଳ୍ପଗୁଡ଼ିକର ତ୍ୱରିତ ମୂଲ୍ୟାଙ୍କନ ଓ ପ୍ରଭାବ ଆକଳନ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି । ସେ କହିଥିଲେ ଯେ, ଏହା ଦ୍ୱାରା ସେଗୁଡ଼ିକର ବାସ୍ତବ କାର୍ଯ୍ୟକାରିତା ତଦାରଖ ସହ ସେସବୁର ଗୁଣବତ୍ତା, ସ୍ଥାୟିତ୍ୱଏବଂ ବିଦ୍ୟାଳୟର ବିକାଶ ସଂପର୍କରେ ଉପଯୁକ୍ତ ଅନୁଧ୍ୟାନ କରାଯାଇପାରିବ।

### ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ

# ସଂସ୍କୃତ ବିଦ୍ୱାନମାନେ ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୯।୭ (ମହାଭାରତ): ସଂସ୍କୃତ ବିଦ୍ୱାନମାନେ ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ମଙ୍ଗଳବାର ଦିନ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି ।



ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଭାରତର ସମୃଦ୍ଧ ଜ୍ଞାନ ଐତିହ୍ୟକୁ ସଂରକ୍ଷଣ କରିବା ସହିତ କୃତ୍ରିମ ବୁଦ୍ଧିମତା (ଏଆଇ), ଡିଜିଟାଲ୍ ପ୍ରଯୁକ୍ତି ଏବଂ ବୈଜ୍ଞାନିକ ଗବେଷଣାରେ ନବସୃଜନ ଆଣିବା ପାଇଁ ସଂସ୍କୃତର ସମ୍ଭାବନାକୁ ଉପଯୋଗ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀମାନେ ପ୍ରାଚୀନ ପାଣ୍ଡୁଲିପି ଗବେଷକ, ଡିଜିଟାଲ୍ ଅଭିଲେଖର ଉଭାବକ , ଏଆଇ ବିଶେଷଜ୍ଞ, ପାରମ୍ପରିକ ବିଜ୍ଞାନରେ ବିଦ୍ୱାନ ଏବଂ ସାଂସ୍କୃତିକ ଦୂତ ଭାବରେ ନିଜକୁ ଗଢ଼ି ତୋଳିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, ହଜାର ହଜାର ଅମୂଲ୍ୟ ସଂସ୍କୃତ ପାଣ୍ଡୁଲିପି ଏପର୍ଯ୍ୟନ୍ତ ଅଧ୍ୟୟନ, ସଂରକ୍ଷଣ, ଡିଜିଟାଇଜେସନ୍ ଏବଂ ଅନୁବାଦ ହୋଇନାହିଁ। ଏଗୁଡ଼ିକ ବିଶ୍ୱର ଉପକାର ପାଇଁ ବିଶାଳ ଜ୍ଞାନ ଭଣ୍ଡାର ଅଟେ। ସଂସ୍କୃତକୁ କେବଳ ପ୍ରାଚୀନ ନୁହେଁ ବରଂ ଏକ "ଶାଶ୍ୱତ ଭାଷା" ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହାର ବୈଜ୍ଞାନିକ ସଠିକତା, ଯୁକ୍ତିଯୁକ୍ତ ସଂରଚନା ଏବଂ ବ୍ୟାକରଣଗତ ଉତ୍କର୍ଷତା, ଭାଷାଭିତିକ ଗଣନା ଏବଂ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣରେ ବିରାଟ ସମ୍ଭାବନା ରହିଛି। ଏ ଦିଗରେ ଯୁବ ବିଦ୍ୱାନମାନଙ୍କୁ ଭାରତର ପ୍ରାଚୀନ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହିତ ସମ୍ମିଶ୍ରଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଏହା ଦ୍ୱାରା ପରବର୍ତ୍ତୀ ପ୍ରଯୁକ୍ତିବିଦ୍ୟାର ସଫଳତା ମିଳିପାରିବ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ ।ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଗତ ୪୬ ବର୍ଷ ଧରି ଏହି ବିଶ୍ୱବିଦ୍ୟାଳୟ ବିଶ୍ୱର ସର୍ବପ୍ରାଚୀନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ ଓ ପ୍ରଚାର-ପ୍ରସାର କରିବାରେ ପ୍ରଶଂସନୀୟ ଅବଦାନ ରହିଛି। ଓଡ଼ିଶାର ସଭ୍ୟତାଗତ ଐତିହ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଏବଂ ଏହା ସମାନତା, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ଭ୍ରାତୃତ୍ୱର ଆଦର୍ଶକୁ ପ୍ରତିଫଳିତ କରେ ଯାହା ବିଶ୍ୱବିଦ୍ୟାଳୟକୁ ଏହି ଐତିହ୍ୟର ଉପଯୁକ୍ତ ସଂରକ୍ଷକ ଭାବେ ଗଢ଼ିଛି ।

ସଂସ୍କୃତର ସମକାଳୀନ ପ୍ରାସଙ୍ଗିକତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ପ୍ରାଚୀନ ଗ୍ରନ୍ଥଗୁଡ଼ିକ ପରିବେଶ ସଂରକ୍ଷଣ, ସ୍ଥାୟୀ ଜୀବନ ଏବଂ ମାନସିକ ସୁସ୍ଥତା ଉପରେ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରେ। ସଂସ୍କୃତ ଶିକ୍ଷା ଏକାଗ୍ରତା, ଭାବନାତ୍ମକ ସ୍ଥିରତା ଏବଂ ଆନ୍ତରିକ ଶାନ୍ତି ପୋଷଣ କରେ ଯାହା ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଅତ୍ୟନ୍ତ ଜରୁରୀ। ମୂଲ୍ୟବୋଧ ଆଧାରିତ ନେତୃତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଭାରତୀୟ ଶାସ୍ତ୍ରୀୟ ଗ୍ରନ୍ଥଗୁଡ଼ିକ କର୍ତ୍ତବ୍ୟ, ସାଧୁତା ଏବଂ କରୁଣାକୁ ପ୍ରୋତ୍ସାହିତ କରିଆସିଛି। 'ବିକଶିତ ଭାରତ @୨୦୪୭' ଦୃଷ୍ଟିକୋଣ ଉପରେ ଉଲ୍ଲେଖ କରି ଛାତ୍ରଛାତ୍ରୀମାନଙ୍କୁ ପରମ୍ପରା ସହିତ ପ୍ରଯୁକ୍ତି, ଐତିହ୍ୟ ସହିତ ନବସୃଜନ ଏବଂ ଜ୍ଞାନ ସହିତ ଚରିତ୍ରର ସମନ୍ୱୟ ଘଟାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଶାଶ୍ୱତ ଜ୍ଞାନ ଦ୍ୱାରା ଆଧୁନିକ ଯୁଗର ସମସ୍ୟାକୁ ସମାଧାନରେ ପରିଣତ କରିପାରିଥିବା ବ୍ୟକ୍ତି ହିଁ ଭବିଷ୍ୟତ ଗଢିବେ ବୋଲି ରାଜ୍ୟପାଳ କହିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ, ୯।୭ (ମହାଭାରତ)- ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ବିନ୍ତାଙ୍ଗ ଆଦିପୂର୍ଣ୍ଣା ଅଫ୍ ଦ ରିପବ୍ଲିକ୍ ଅଫ୍ ଇଣ୍ଡୋନେସିଆ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ମାନିତ କରାଯାଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେ ଏହାକୁ ସମଗ୍ର ଦେଶ ପାଇଁ ଗର୍ବ ଓ ସମ୍ମାନର ଏକ ଐତିହାସିକ କ୍ଷଣ ବୋଲି କହିଛନ୍ତି ।ଧର୍ମେନ୍ଦ୍ର ପ୍ରଧାନ ନିଜ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ କହିଛନ୍ତି ଯେ, ଏହି ସମ୍ମାନ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଦଶନ୍ଧି ଧରି ରହିଆସିଥିବା ଦୃଢ଼, ବିଶ୍ୱାସପୂର୍ଣ୍ଣ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ପ୍ରତୀକ। ସେ କହିଛନ୍ତି ଯେ, ପ୍ରାଚୀନ ସାମୁଦ୍ରିକ ସମ୍ପର୍କଠାରୁ ଆରମ୍ଭ କରି ଆଧୁନିକ ଯୁଗର କୌଶଳଗତ ଭାଗୀଦାରି ପର୍ଯ୍ୟନ୍ତ ଉଭୟ ଦେଶର ସମ୍ପର୍କ ନିରନ୍ତର ସୁଦୃଢ଼ ହୋଇଆସିଛି। ଏହି ଭାଗୀଦାରି ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ବିଭିନ୍ନ କ୍ଷେତ୍ରରେ ବୃଦ୍ଧି ପାଉଥିବା ସହଯୋଗ ଉପରେ ଆଧାରିତ ।ସେ ଆହୁରି କହିଛନ୍ତି ଯେ, ଏସିଆନର ଏକ ପ୍ରମୁଖ ସଦସ୍ୟ ଭାବେ ଇଣ୍ଡୋନେସିଆ, ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଓ ସମାବେଶୀ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ଗଠନ ପାଇଁ ଭାରତର ଦୃଷ୍ଟିକୋଣକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଅର୍ଥନୈତିକ, ସାଂସ୍କୃତିକ, ସାମରିକ ଏବଂ ସାମୁଦ୍ରିକ ସହଯୋଗ ନିରନ୍ତର ନୂତନ ଉଚ୍ଚତାକୁ ଛୁଇଁଛି ।କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ଏହି ସମ୍ମାନଜନକ ପୁରସ୍କାର କେବଳ ତାଙ୍କର ବୈଶ୍ୱିକ ନେତୃତ୍ୱ ଓ ପ୍ରଭାବଶାଳୀ କୂଟନୀତିର ଆନ୍ତର୍ଜାତିକ ସ୍ୱୀକୃତିର ପ୍ରମାଣ ନୁହେଁ, ବରଂ ଏହା ଭାରତ-ଇଣ୍ଡୋନେସିଆ ବିଶେଷ ଭାଗୀଦାରିର ସ୍ଥାୟୀ ସୁଦୃଢ଼ତା ଏବଂ ଉଭୟ ଦେଶ ମଧ୍ୟରେ ବଢୁଥିବା ପାରସ୍ପରିକ ବିଶ୍ୱାସର ମଧ୍ୟ ପ୍ରତିଫଳନ। ସେ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ଉଭୟ ଦେଶର ସମ୍ପର୍କ ଆହୁରି ସୁଦୃଢ଼ ହେବ ଏବଂ ଆଞ୍ଚଳିକ ଓ ବୈଶ୍ୱିକ ସହଯୋଗକୁ ନୂତନ ଦିଗ ପ୍ରଦାନ କରିବ।



## ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ କର୍ମଶାଳା ନେଇ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୯।୭ (ମହାଭାରତ): ବଢୁଥିବା ଜନସଂଖ୍ୟା ଓ ସଚେତନତା ଅଭାବରୁ ଦିନକୁ ଦିନ ସଡ଼କ ଦୁର୍ଘଟଣା ଘଟଣାମାନ ଦେଖିବାକୁ ମିଳୁଛି । ଦ୍ରୁତ ଗତିରେ ଗାଡ଼ି ଚଳାଇବା, ହେଲ୍‌ମେଟ୍ ପରିଧାନ ନ କରିବା, ଟ୍ରାଫିକ୍ ନିୟମ ନ ମାନିବା ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଅନେକ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ଘଟୁଛି । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଏବଂ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଏକ ଦୁଇଦିନିଆ କର୍ମଶାଳା ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁର୍ଘଟଣାର ସ୍ଥିତି, ଦୁର୍ଘଟଣାର କାରଣ ଏବଂ ଏହାକୁ କମ୍ କରିବା ଦିଗରେ କ'ଣସବୁ ପଦକ୍ଷେପ ନିଆଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଦୁର୍ଘଟଣାପ୍ରବଣ ଅଂଚଳ ଚିହ୍ନଟ ସହ ଏହାର ସଠିକ୍ ପରିଚାଳନା, ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଉନ୍ନତ ତଥା ଦୁର୍ଘଟଣାମୁକ୍ତ ରାସ୍ତା ନିର୍ମାଣ, ଜାତୀୟ ରୋଡ୍ କଂଗ୍ରେସ୍ ମାର୍ଗଦର୍ଶିକା ଅନୁସାରେ ପାଦଚଲା ରାସ୍ତା ନିର୍ମାଣ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ ଜିଲ୍ଲାୱାରୀ ସଡ଼କ ଦୁର୍ଘଟଣା ହ୍ରାସ ଲାଗି ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ରାସ୍ତା କଡ଼ରେ ଭାରିଯାନ ରହିବା ସ୍ଥାନ ଏବଂ ୱେ-ସାଇଡ୍ ଆମିନିଟିଜ୍ ନିର୍ମାଣ ସହ ଦୁର୍ଘଟଣାପ୍ରବଣ ଅଂଚଳରେ ଆମ୍ବୁଲାନ୍ସ ରହଣି ନେଇ ବ୍ୟବସ୍ଥା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## ଖୁବଶୀଘ୍ର ଓଡ଼ିଶାରେ ଲାଗୁ ହେବ ପେଶା ଆଇନ

ଭୁବନେଶ୍ୱର, ୯।୭ (ମହାଭାରତ)- ଓଡ଼ିଶାରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ପେଶା ଆଇନ । ଏନେଇ ଆସନ୍ତା କ୍ୟାବିନେଟ ବୈଠକରେ ପ୍ରସ୍ତାବ ଆଗତ କରାଯିବ ବୋଲି ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି ।ମନ୍ତ୍ରୀ କହିଛନ୍ତି ଯେ, ପେଶା ଆଇନ କାର୍ଯ୍ୟକାରୀ କରିବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ଆଇନଟିକୁ ସଠିକ୍ ଭାବେ ଲାଗୁ କରିବା ପାଇଁ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି।

ସେ କହିଛନ୍ତି ଯେ, ପେଶା ଆଇନ ଲାଗୁ ହେବା ପରେ ଏହା ଯେପରି ସମସ୍ତଙ୍କ ପାଇଁ ସୁବିଧାଜନକ ଓ ପ୍ରଭାବଶାଳୀ ହୋଇପାରିବ, ସେଥିପାଇଁ ବିଭିନ୍ନ ପକ୍ଷଙ୍କ ମତାମତ ନିଆଯାଇଛି। ଆଇନରେ କୌଣସି ତ୍ରୁଟି ଯେପରି ନ ରହିବ, ସେଥିପାଇଁ ବିଭାଗ ପକ୍ଷରୁ ଯାଂଚ ଓ ସମୀକ୍ଷା ପରେ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି।

### ଯୁକ୍ତ ଦୁଇ ନାମଲେଖା ମେରିଟ ଲିଷ୍ଟ ପ୍ରକାଶ

# ପ୍ରଥମ ପର୍ଯ୍ୟାୟରେ ୪,୨୯,୨୧୯ ଛାତ୍ରଛାତ୍ରୀ ମନୋନୀତ

ଭୁବନେଶ୍ୱର, ୯।୭ (ମହାଭାରତ): : ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ ଲିଷ୍ଟ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ ଇ-ନାମଲେଖାର ପ୍ରଥମ ପର୍ଯ୍ୟାୟ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ମୋଟ ୪,୬୧,୩୨୫ ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ୯୩.୦୪ ପ୍ରତିଶତ ଅର୍ଥାତ୍ ୪,୨୯,୨୧୯ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। କଟ୍-ଅଫ୍ ମାର୍କରେ ଆଗରେ ରେଭେନ୍ସା ରହିଛି।



**କଟକ ରେଭେନ୍ସାରେ କଳା ୮୧%, ବାଣିଜ୍ୟରେ ୮୨.୪୦% ଏବଂ ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍-ଅଫ୍ ସହ ଶୀର୍ଷରେ**

ଏହି ମନୋନୀତ ଶିକ୍ଷାର୍ଥୀଙ୍କ ମଧ୍ୟରେ କଳାରେ ୨,୭୬,୯୨୫, ବିଜ୍ଞାନରେ ୧,୨୧,୪୯୪, ବାଣିଜ୍ୟରେ ୧୯,୮୪୪, ଉପଶାସ୍ତ୍ରୀରେ ୬,୧୩୪, ଧନ୍ଦାମୂଳକ ଶିକ୍ଷାରେ ୪,୮୨୨ ଜଣ ରହିଛନ୍ତି। ସେହିଭଳି ୨,୦୦,୪୯୩ ଛାତ୍ର ଥିବାବେଳେ ୨,୨୮,୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟାନ୍ୟ ବର୍ଗର ଛାତ୍ରଛାତ୍ରୀ ଅଛନ୍ତି। ଏଥିସହ ମୋଟ ମନୋନୀତଙ୍କ ମଧ୍ୟରୁ ୨, ୭୪,୪୫୪ ଜଣଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିଥିବା ବେଳେ ୩୨,୧୦୬ ଜଣ ପ୍ରଥମ ପର୍ଯ୍ୟାୟରେ ଅନୁପଯୁକ୍ତ ରହି ଦ୍ୱିତୀୟ ଓ ସ୍ପଟ୍ ସିଲେକ୍ସନ ପାଇଁ ସୁଯୋଗ ପାଇବେ।

ବିଭିନ୍ନ ବିଭାଗର କଟ୍-ଅଫ୍ ମାର୍କକୁ ଦେଖିଲେ, କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୮୧%, ବାଣିଜ୍ୟରେ ୮୨.୪୦% ଏବଂ ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍-ଅଫ୍ ସହ ଶୀର୍ଷରେ ରହିଛି। ଯେଉଁଠି ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଧର୍ମଗଡ଼ର ସରକାରୀ ଭୋକେସନାଲ୍ ବିଦ୍ୟାଳୟ ୭୪.୬୭%, ଉପଶାସ୍ତ୍ରୀରେ କନ୍ଧମାଳ ଚକାପାଦର ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ୫୭% ନିଜ ନିଜ ବର୍ଗରେ ଆଗୁଆ ରହିଛନ୍ତି। ଏହାସହ ବିଏସଇ ଓଡ଼ିଶାରୁ ଆବେଦନ କରିଥିବା ୪,୨୬,୪୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୯୫,୬୮୧ ଜଣ ଏହି ରାଉଣ୍ଡରେ ସ୍ଥାନ ପାଇଛନ୍ତି। ଆସନ୍ତା ଜୁଲାଇ ୨୩ ତାରିଖରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବା ଜଣାପଡ଼ିଛି।

## ଯୁକ୍ତ-୩ ନାମଲେଖା ପାଇଁ ସଂଶୋଧିତ ସୂଚୀ ଜାରି

ଭୁବନେଶ୍ୱର, ୯।୭ (ମହାଭାରତ): ଯୁକ୍ତ-୩ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି କରାଯାଇଛି। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ନାମଲେଖା ନେଇ ସରକାରଙ୍କ ଘୋଷଣା ପରେ ଏହି ପରିବର୍ତ୍ତିତ ସୂଚୀ ପ୍ରକାଶ ପାଇଛି।

ସଂଶୋଧିତ ସୂଚୀ ଅନୁସାରେ, ଯେଉଁ ଛାତ୍ରଛାତ୍ରୀମାନେ ଯୁକ୍ତ-୩ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ସାମିଲ ହୋଇଥିଲେ, ସେମାନଙ୍କୁ ପୁଣିଥରେ ଚଏସ୍ ଫିଲିଂ କରିବାର ସୁଯୋଗ ଦିଆଯାଇଛି। ଏହି ସୁଯୋଗ ଆଜିଠାରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ ।ଛାତ୍ରଛାତ୍ରୀମାନେ ଓଟିପି ଭେରିଫିକେସନ୍ ମାଧ୍ୟମରେ ସଂଶୋଧିତ ଚଏସ୍ ଫିଲିଂ ସୁବିଧାର ବ୍ୟବହାର କରିପାରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ନାମଲେଖା ସମ୍ପର୍କିତ ସମସ୍ତ ସୂଚନା ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ ମାଧ୍ୟମରେ ପାଇପାରିବେ ।ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, କେବଳ ଯେଉଁମାନେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ଆବେଦନ କରିଥିଲେ, ସେମାନେ ଏହି ସଂଶୋଧିତ ସୁଯୋଗର ଲାଭ ନେଇପାରିବେ। ଏହା ପରେ ଯୁକ୍ତ-୩ ନାମଲେଖାର ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଜୁଲାଇ ୨୦ ତାରିଖରେ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନଙ୍କୁ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଡାଇରିଆ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୭ (ମହାଭାରତ): : ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଲଖମରା, ବରଗଡ଼ ଠାରେ ଆୟୋଜିତ 'ଷ୍ଟପ୍ ଡାଇରିୟା କ୍ୟାମ୍ପେନ୍' ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ସମେତ ସମଗ୍ର ଭାରତରେ ଶିଶୁମାନଙ୍କୁ ଝାଡ଼ାବାନ୍ତି ରୋଗରୁ ରକ୍ଷା କରିବା ପାଇଁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରେ ଝାଡ଼ାବାନ୍ତି ଜନିତ ମୃତ୍ୟୁସଂଖ୍ୟାକୁ ସମ୍ପୂର୍ଣ୍ଣ ରୂପେ ଶୂନ୍ୟକୁ ଆଣିବା। ଚଳିତ ବର୍ଷ ଜୁନ୍ ୧୬ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବ୍ୟାପକ ଅଭିଯାନ ମାଧ୍ୟମରେ ଶିଶୁମାନଙ୍କ ଜୀବନ ରକ୍ଷା ପାଇଁ ଅନେକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଆମର ନିଷ୍ଠାପର ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ପ୍ରତି ଘରକୁ ଘର ବୁଲି ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛ ପାନୀୟ ଜଳର ବ୍ୟବହାର ଏବଂ ସାବୁନରେ ଭଲଭାବେ ହାତ ଧୋଇବା ସମ୍ପର୍କରେ ମା'ମାନଙ୍କୁ ବିଶେଷ ଭାବେ ସଚେତନ କରାଉଛନ୍ତି।

# ଓଏଫଏସଡିଏସ୍‌ର ୩୮ତମ ପରିଚାଳନା ପରିଷଦ ବୈଠକ

ଭୁବନେଶ୍ୱର, ୯।୭ (ମହାଭାରତ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (ଓଏଫଏସଡିଏସ୍)ର ୩୮ତମ ପରିଚାଳନା ପରିଷଦ ବୈଠକ ବୁଧବାର ଭୁବନେଶ୍ୱର ସ୍ଥିତ ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପରିଚାଳନା ପରିଷଦର ସଭାପତି ଭାସ୍କର ଜ୍ୟୋତି ଶର୍ମା ଅଧ୍ୟକ୍ଷତା କରିଥିଲେ ଏବଂ ବୈଠକଟି ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ନୋଡାଲ୍), ଓଏଫଏସଡିଏସ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ତଥା ପରିଚାଳନା ପରିଷଦର ସଦସ୍ୟ-ଆବାହକ ଜି. ରାଜେଶଙ୍କ ଆହ୍ୱାନରେ ଆୟୋଜିତ ହୋଇଥିଲା।

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (ଜାଇକା)ର ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତୀୟ ପର୍ଯ୍ୟାୟ (ଓଏଫଏସଡିପି-୨ୟ ପର୍ଯ୍ୟାୟ), ଆମ ଜଙ୍ଗଲ ଯୋଜନା, ଓଏଫଏସଡିଏସ୍-ଓମ୍ବାଡସି ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଏହାସହ ଜଙ୍ଗଲର ସ୍ଥାୟୀ ପରିଚାଳନା ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କ ଜୀବିକା ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ବୈଠକରେ ଓଏଫଏସଡିପି-୨ୟ ପର୍ଯ୍ୟାୟର କାର୍ଯ୍ୟକାଳକୁ କୌଣସି ଅତିରିକ୍ତ ବ୍ୟୟ ବିନା ୨୦୨୭ରୁ ୨୦୩୦ ପର୍ଯ୍ୟନ୍ତ ତିନି ବର୍ଷ ବୃଦ୍ଧି କରିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଏହାଦ୍ୱାରା ପ୍ରକଳ୍ପର କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଓ ଦୀର୍ଘମିଆଦି ସ୍ଥାୟିତ୍ୱ ସୁନିଶ୍ଚିତ ହେବ। ଏହି ପ୍ରସ୍ତାବ ପାଇଁ ରାଜ୍ୟ ସରକାରଙ୍କ ବିଧିବଦ୍ଧ ଅନୁମୋଦନ ନିଆଯିବ।

ସେହିପରି ଫାର୍ମ ଫରେଷ୍ଟ୍ରି କାର୍ବନ କ୍ରେଡିଟ୍ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ପଦକ୍ଷେପ ଅଧୀନରେ ୧୨ଟି ବନଖଣ୍ଡର ୨,୭୦୦ରୁ ଅଧିକ ଚାଷୀଙ୍କୁ ୧,୮୦୦ ଏକରରୁ ଅଧିକ ଜମିରେ କାର୍ବନ କ୍ରେଡିଟ୍ ବ୍ୟବସ୍ଥା ସହ ଯୋଡ଼ାଯାଇଛି। ଏହା ମାଧ୍ୟମରେ ସ୍ଥାୟୀ କୃଷି ବନୀକରଣକୁ ପ୍ରୋତ୍ସାହନ ମିଳିବା ସହ ଚାଷୀଙ୍କ ଆୟ ବୃଦ୍ଧି ଏବଂ ପରିବେଶ ସୁରକ୍ଷାରେ ସହାୟକ ହେବ। ଓଏଫଏସଡିପି-୨ୟ ପର୍ଯ୍ୟାୟ ଏବଂ ଆମ ଜଙ୍ଗଲ ଯୋଜନାର କାର୍ଯ୍ୟକ୍ରମକୁ ଭୋପାଳସ୍ଥିତଭାରତୀୟ ବନ ପରିଚାଳନା ପ୍ରତିଷ୍ଠାନଦ୍ୱାରା କରାଯାଉଥିବାତୃତୀୟ ପକ୍ଷ ମୂଲ୍ୟାଙ୍କନର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରକଳ୍ପର କାର୍ଯ୍ୟକାଳ ଶେଷ ପରେ ମଧ୍ୟ ବନାଞ୍ଚଳ ଅଧିବାସୀଙ୍କ ଜୀବିକା ବିକାଶକୁ ନିରନ୍ତର ସହାୟତା ଯୋଗାଇବା ପାଇଁ ଜୀବିକା ସମ୍ବଳ କେନ୍ଦ୍ର ବା ଏଲଆରସି ଗଠନ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଏହି କେନ୍ଦ୍ର ମାଧ୍ୟମରେ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବନଜାତ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରାଯିବା ସହ ବନାଞ୍ଚଳ ଅଧିବାସୀଙ୍କୁ ସ୍ଥାୟୀ ଭାବେ ପ୍ରଯୁକ୍ତିଗତ ଓ ବ୍ୟବସାୟିକ ସହାୟତା ପ୍ରଦାନ କରାଯିବ। ବୈଠକରେ ଜଳବାୟୁ ଅନୁକୂଳ ବନ ପରିଚାଳନା, ଗୋଷ୍ଠୀ ସହଭାଗିତାରେ ପ୍ରାକୃତିକ ସମ୍ପଦର ପରିଚାଳନା ଏବଂ ସ୍ଥାୟୀ ଜୀବିକା ବିକାଶ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଆଲୋଚନା କରାଯାଇଥିଲା।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଡକ୍ଟର କେ. ମୁରୁଗେସନ, ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ପ୍ରତିନିଧି ମନୋଜ ନାୟର, ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସ୍ୱୟମ୍ ମଲ୍ଲିକ, ଓଏଫଏସଡିଏସ୍‌ର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶିକା ରିଙ୍କୁ କୁମାରୀଙ୍କ ସମେତ ଓଏଫଏସଡିପି-୨ୟ ପର୍ଯ୍ୟାୟର ସହଯୋଗୀ ଏନଜିଓମାନଙ୍କ ପ୍ରତିନିଧି ପ୍ରସନ୍ନ କୁମାର ବେହେରା, ନିଉଜ ସଂସ୍ଥା ତରଫରୁ ଏହି ବୈଠକରେ ଉପସ୍ଥିତ ଥିଲେ।

# ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୯।୭ (ମହାଭାରତ): ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।




ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ , ରେଳ ସୁରକ୍ଷା ବଳ , ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ।

ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ , ଏନଏସଜି ଟିମ୍ ଏବଂ ଏନଏସଜି କ୍ୱିକ୍ ରେସପନ୍ସ ଟିମ୍ ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୋଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ।ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆରଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ ଏବଂ ଆଂଟି ଡ୍ରୋନ ସିଷ୍ଟମର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଣ୍ଟି-ସାବୋଟାଜ୍ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହ ସନ୍ଦେହଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ। ଆକାଶମାର୍ଗରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍ ମୁତୟନ କରାଯିବ, ଯାହା ଦ୍ୱାରା ବେଆଇନ ଡ୍ରୋନ୍ ଉଡ଼ାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ। ଏହାସହ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ବୋମା ନିଷ୍କ୍ରିୟକାରୀ ଦଳ ବା ବମ୍ ଡିସପୋଜାଲ୍ ସ୍କ୍ୱାଡ୍ ଏବଂ ସ୍ନିଫର୍ ଡଗ୍ ଟିମ୍‌କୁ ସର୍ବଦା ହାଇ-ଆଲର୍ଟରେ ରଖାଯିବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି।

# ଅପରାଧ ବୃଦ୍ଧିର କାରଣ

ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟାସ୍ତ ଓ ଅପରାଧ ଗ୍ରାଫ୍ ଉର୍ଦ୍ଧ୍ୱମୁଖୀ ହେବା ପଛର ଅସଲ କାରଣ ଏବେ ପଦାରେ ପଡିଛି, ଯାହାକି ସମଗ୍ର ଓଡିଶାବାସୀଙ୍କୁ ସ୍ତବ୍ଧ କରିଦେଇଛି। ସାଧାରଣ ଜନତାଙ୍କ ଜୀବନ ଓ ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିବା ଓଡିଶା ପୋଲିସ ବିଭାଗ ନିଜେ ଏବେ ଏକ ବଡ ସଙ୍କଟ ଦେଇ ଗତି କରୁଛି, କାରଣ ରାଜ୍ୟରେ ପ୍ରାୟ ୩୦,୦୦୦ରୁ ଅଧିକ ପୋଲିସ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିରହିଛି। ଏହି ସାଂଘାତିକ ତଥ୍ୟ ଆଉ କେହି ନୁହେଁ, ବରଂ ଖୋଦ୍ ଓଡିଶାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସ୍ୱୀକାର କରିଛନ୍ତି ଏବଂ ଏହି ଶୂନ୍ୟପଦଗୁଡିକୁ ଅତିଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏବେ ବଡ ସଂଖ୍ୟାକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିବା ପାଇଁ ଦାୟୀ କିଏ ଏବଂ ଏହାର ଖାମଖିଆଲି ନୀତି ଯୋଗୁଁ ଆଜି ରାଜ୍ୟର ଚାରିଆଡେ ଯେଉଁ ଅରାଜକତା ଖେଳିଯାଇଛି, ତାର ଜବାବ କିଏ ଦେବ ? ପୋଲିସ କର୍ମଚାରୀଙ୍କ ଅଭାବ ଯୋଗୁଁ ଓଡିଶାରେ ଅପରାଧ ହାର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ଏବଂ ସୀମିତ କର୍ମଚାରୀଙ୍କ ଉପରେ କାର୍ଯ୍ୟଭାରର ଚାପ ଏତେ ମାତ୍ରାରେ ବଢିଯାଇଛି ଯେ, ସେମାନେ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡୁଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତିଦିନ ଅପ୍ରୀତିକର ପରିସ୍ଥିତି, ସଶସ୍ତ୍ର ଡକାୟତି, ଦିନଦ୍ୱିପହରରେ ଗୁଳିକାଣ୍ଡ, ମହିଳା ନିର୍ଯ୍ୟାତନା ଏବଂ ସଂଗଠିତ ଅପରାଧର ଖବର ସାମ୍ନାକୁ ଆସୁଛି, ଯାହା ପଛରେ ପୋଲିସ ଫୋର୍ସର ଅଭାବ ହିଁ ମୁଖ୍ୟ କାରଣ ବୋଲି ସ୍ପଷ୍ଟ ଜଣାପଡୁଛି। ଓଡିଶାର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଏବଂ ନୂଆ ନୂଆ ଅପରାଧିକ ଆହ୍ୱାନ ଯଥା ସାଇବର ଅପରାଧ ଓ ଆନ୍ତଃରାଜ୍ୟ ମାଫିଆଙ୍କ ପ୍ରାଦୁର୍ଭାବ ବଢୁଥିବା ସମୟରେ, ପୋଲିସ ବାହିନୀରେ ୩୦,୦୦୦ ପଦବୀ ଖାଲି ରହିବ। କେବଳ ଦୁର୍ଭାଗ୍ୟଜନକ ନୁହେଁ, ବରଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ସହ ଏକ ବଡ ଖେଳାଖେଳି ବୋଲି କୁହାଯାଇପାରେ। ରାଜ୍ୟର ପ୍ରତିଟି ଥାନାରେ ଆବଶ୍ୟକ ସଂଖ୍ୟକ କନ୍ଷ୍ଟେବଲ, ସବ୍- ଇନ୍ସପେକ୍ଟର ଏବଂ ସହାୟକ ଅଧିକାରୀ ନାହାନ୍ତି, ଯାହାଫଳରେ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ମାସ ମାସ ଧରି ଅଟକି ରହୁଛି ଏବଂ ଅପରାଧୀମାନେ ଖୋଲାଖୋଲି ଭାବେ ବୁଲିବାକୁ ସାହସ ପାଉଛନ୍ତି। ପୋଲିସର ଉପସ୍ଥିତି ନଗଣ୍ୟ ଥିବା ଯୋଗୁଁ ଅସାମାଜିକ ତତ୍ତ୍ୱମାନେ ବିନା କୌଣସି ଭୟରେ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି, ଏବଂ ବିଶେଷ କରି ଗ୍ରାମାଂଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଜଣେ ପୋଲିସ କର୍ମଚାରୀଙ୍କୁ ନିଜର ନିର୍ଦ୍ଧାରିତ ସମୟଠାରୁ ଦୁଇଗୁଣା ଅଧିକ ସମୟ କାମ କରିବାକୁ ପଡୁଛି, ଯାହାଫଳରେ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ସିଧାଳସଳଖ ପ୍ରଭାବ ପଡୁଛି ଏବଂ ଜନସାଧାରଣଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଉନାହିଁ। ଡିଜିପିଙ୍କ ବୟାନରୁ ସ୍ପଷ୍ଟ ଯେ ବର୍ତ୍ତମାନର ସରକାର ଏହି ସମସ୍ୟାର ଗମ୍ଭୀରତାକୁ ବୁଝିଥିବା, କିନ୍ତୁ କେବଳ 'ଖୁବଶୀଘ୍ର ପୂରଣ ହେବ' ବୋଲି କହି ପ୍ରଶାସନ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବ ନାହିଁ ବରଂ ଏଥିପାଇଁ ଏକ ଜରୁରୀକାଳୀନ ଏବଂ ସମୟବଦ୍ଧ ଯୋଜନା ପ୍ରସ୍ତୁତ କରି ଯୁଦ୍ଧକାଳୀନ ଭିତିରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଆବଶ୍ୟକ। ରାଜ୍ୟର ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ଦୂରଦୂର ମାଲକାନଗିରି ପର୍ଯ୍ୟନ୍ତ ସବୁଠି ଗୋଟିଏ ଚିତ୍ର ଦେଖିବାକୁ ମିଳୁଛି। ଯେଉଁଠି ଥାନାଗୁଡିକରେ କର୍ମଚାରୀଙ୍କ ଅଭାବ ଯୋଗୁଁ ସାଧାରଣ ଲୋକେ ନ୍ୟାୟ ପାଇଁ ଦ୍ୱାର ବୁଲି ନିରାଶ ହେଉଛନ୍ତି। ଏଭଳି ପରିସ୍ଥିତିରେ ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ, ତେବେ ଓଡିଶାରେ ଆଇନର ଶାସନ ସମ୍ପୂର୍ଣ୍ଣ ଭୁଶୁଡି ପଡିବ ଏବଂ ଜନସାଧାରଣଙ୍କ ମଧ୍ୟରେ ପୋଲିସ ପ୍ରତି ଥିବା ବିଶ୍ୱାସ ତୁଟିଯିବ। ପୋଲିସ ଫୋର୍ସର ବଳ ବୃଦ୍ଧି ନକରି ଅପରାଧମୁକ୍ତ ଓଡିଶା ଗଠନ କରିବାର ସ୍ୱପ୍ନ କେବଳ ଏକ ପ୍ରହସନ ମାତ୍ର, ତେଣୁ ସରକାର କୌଣସି ଆଳ ନଦେଖାଇ ତୁରନ୍ତ ଏହି ୩୦,୦୦୦ରୁ ଅଧିକ ଖାଲି ପଦବୀରେ ଯୋଗ୍ୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଇ ରାଜ୍ୟର ସୁରକ୍ଷା ବଳୟକୁ ସୁଦୃଢ କରନ୍ତୁ, ଯାହାଦ୍ୱାରା ବଢୁଥିବା ଅପରାଧ ଏବଂ ଅପ୍ରୀତିକର ପରିସ୍ଥିତିକୁ କଠୋର ହସ୍ତରେ ଦମନ କରାଯାଇପାରିବ ଏବଂ ଓଡିଶାବାସୀ ଶାନ୍ତିରେ ନିଶ୍ୱାସ ମାରିପାରିବେ। ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା କରିବା ସରକାରଙ୍କ ସର୍ବପ୍ରଥମ ଓ ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ, ଏବଂ ଏଥିରେ କୌଣସି ପ୍ରକାରର ଅବହେଳା କ୍ଷମାଯୋଗ୍ୟ ନୁହେଁ। ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ଯେଉଁଭଳି ଭାବରେ ସାଇବର ଠକେଇ, ନିଶା କାରବାର ଏବଂ ସଂଗଠିତ ଅପରାଧ ବୃଦ୍ଧି ପାଇଛି, ତାହାକୁ ରୋକିବା ପାଇଁ ପୋଲିସର ବୈଷୟିକ ଏବଂ ମାନବ ସମ୍ବଳର ବିକାଶ ନିହାତି ଜରୁରୀ। କିନ୍ତୁ ଯେଉଁଠି ମୌଳିକ ସ୍ତରରେ ହିଁ କର୍ମଚାରୀଙ୍କର ଏତେ ବଡ ଅଭାବ ରହିଛି, ସେଠାରେ ଆଧୁନିକୀକରଣ କେବଳ କାଗଜପତ୍ରରେ ସୀମିତ ରହିଯିବା ସ୍ୱାଭାବିକ। ପ୍ରତି ବର୍ଷ ହଜାର ହଜାର ପୋଲିସ କର୍ମଚାରୀ ଅବସର ଗ୍ରହଣ କରୁଥିଲେ ମଧ୍ୟ ସେହି ଅନୁପାତରେ ନୂତନ ନିଯୁକ୍ତି ନହେବା ପ୍ରଶାସନିକ ସ୍ଥାଣୁତାର ଚରମ ନିଦର୍ଶନ। ଏହି ଚାପ ଜନିତ କାରଣରୁ ଅନେକ ସମୟରେ ପୋଲିସ କର୍ମଚାରୀମାନେ ନିଜର ଧୈର୍ଯ୍ୟ ହରାଉଛନ୍ତି ଏବଂ ସାଧାରଣ ଜନତାଙ୍କ ସହ ସେମାନଙ୍କର ବ୍ୟବହାର ମଧ୍ୟ ରୁକ୍ଷ ହେଉଛି, ଯାହା ପୋଲିସର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି। ଯଦି ଜଣେ କର୍ମଚାରୀଙ୍କୁ ବିନା ବିଶ୍ରାମରେ କ୍ରମାଗତ ଭାବରେ କାର୍ଯ୍ୟ କରିବାକୁ ପଡିବ, ତେବେ ତାଙ୍କ ଠାରୁ ସଠିକ୍ ଓ ନିରପେକ୍ଷ ତଦନ୍ତ ଆଶା କରିବା ବୃଥା। ଗୋଟିଏ ପଟେ ରାଜ୍ୟରେ ବେକାରୀ ସମସ୍ୟା ବଢୁଥିବା ବେଳେ ଅନ୍ୟପଟେ ପୋଲିସ ବିଭାଗରେ ଏତେ ସଂଖ୍ୟାକ ପଦବୀ ଖାଲି ପଡିବା ସରକାରଙ୍କ ନୀତି ଓ ନିୟତ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରାଧମୁକ୍ତ ଏବଂ ଭୟମୁକ୍ତ ସମାଜ ଗଠନ ପାଇଁ ପୋଲିସ ବାହିନୀକୁ ସର୍ବଦା ଶକ୍ତିଶାଳୀ ଏବଂ ସଜାଗ ରଖିବାକୁ ହେବ। ପୋଲିସ ମହାନିର୍ଦ୍ଦେଶକ ଏହି ଘୋଷଣା କେବଳ ଏକ ଆଶ୍ୱାସନା ହୋଇ ରହିନଯାଉ ବରଂ ଏହାକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସ୍ୱଚ୍ଛ ଓ ଦ୍ରୁତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବା ଆବଶ୍ୟକ। ଓଡିଶାର ସ୍ୱାର୍ଥ, ସୁରକ୍ଷା ଓ ପ୍ରଗତି ପାଇଁ ପୋଲିସ ବାହିନୀରେ ଥିବା ଏହି ଶୂନ୍ୟତାକୁ ତୁରନ୍ତ ପୂରଣ କରିବା ଛଡା ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ, ନଚେତ୍ ଆଗାମୀ ଦିନରେ ସ୍ଥିତି ଆହୁରି ସାଂଘାତିକ ହେବ ଏବଂ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଶାସନ କଳ ହିଁ ଦାୟୀ ରହିବ। ରାଜ୍ୟର ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷାକୁ ନେଇ ସବୁବେଳେ ଉଦ୍‌ବେଗ ପ୍ରକାଶ ପାଉଥିବାବେଳେ, ପୋଲିସ ଫୋର୍ସର ଏଭଳି ଦୁର୍ବଳ ସ୍ଥିତି ଅପରାଧୀଙ୍କ ମନୋବଳକୁ ଦ୍ୱିଗୁଣିତ କରୁଛି। ପ୍ରତିଟି ସହରର ଛକ ବଜାରରେ ଏବଂ ସୀମାନ୍ତ ଅଂଚଳରେ ପୋଲିସର କଡା ପହରା ନଥିବାରୁ ଅବାଧରେ ନିଶା ଓ ମାରଣାସ୍ତ୍ର କାରବାର ଚାଲିଛି। ଗଣମାଧ୍ୟମରେ ପ୍ରତିଦିନ ପ୍ରକାଶ ପାଉଥିବା ଜଘନ୍ୟ ହତ୍ୟାକାଣ୍ଡ ଓ ଲୁଟତରାଜର ଖବର ସାଧାରଣ ଜୀବନଯାତ୍ରାକୁ ଭୟଭୀତ କରିଦେଇଛି।

# ଜଗନ୍ନାଥେ ନ ଥିଲେ ଜଗେ କିଏ ?

**କବୀର କୁମାର ଜେନା**

ଜଗନ୍ନାଥ କିଏ ? ସେ କ'ଣ ଆମ ଭାଇ ବନ୍ଧୁ କୁଟୁମ୍ବ, ସେ ଆମର ଆମେ ତାଙ୍କର ଏହା ହିଁ ଆମର ତାଙ୍କୁ ନେଇ ବଡ଼ ପରିଚୟ। ଜଗନ୍ନାଥଙ୍କୁ ନେଇ ସବୁଠି ଓଡ଼ିଆମାନେ ନିଜକୁ ପରିଚିତ କରିଥାନ୍ତି। ଜଗନ୍ନାଥଙ୍କୁ ଅନେକ ନାମରେ ଅନେକ ଜାଣନ୍ତି। ସେ ଦାରୁ ଦେବତା, ସେ ବଳିଆର ଭୂଜ, ସେ ହେଉଛି ସମଗ୍ର ବ୍ରହ୍ମାଣ୍ଡର ନାୟକ। ସେ ରାଜାଧିରାଜ ପୁରୁଷୋତ୍ତମ। ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଜାତି-ଧର୍ମ-ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଉପାସିତ ଓ ପୂଜ୍ୟ। ଏହା ଏକ ଏକ ରହସ୍ୟମୟ ପ୍ରଶ୍ନ। କାରଣ, ଶ୍ରୀମନ୍ଦିର ବା ନୀଳାଚଳ ହେଉଛି ଶ୍ରୀଜଗନ୍ନାଥଙ୍କର ନିତ୍ୟସ୍ଥଳ। ସ୍କନ୍ଦ ପୁରାଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ (ଅଧ୍ୟାୟ ୨୯)ରେ 'ଶ୍ରୀପ୍ରତିମା' ବା ଶ୍ରୀଜଗନ୍ନାଥ ନିଜେ କହିଛନ୍ତି - 'ହେ ରାଜେନ୍ଦ୍ର ଇନ୍ଦ୍ରଦ୍ୟୁମ୍ନ ତୁମ୍ଭେ ଯେତେବେଳେ କୋଟି କୋଟି ରତ୍ନ ଉତ୍ସର୍ଗ କରି ମୋର ମନ୍ଦିର ସ୍ଥାପନ କରିଅଛ, ମୁଁ ତୁମ୍ଭଙ୍କୁ ଏହି ବର ଦେଉଛି ଯେ, ମୋ ପ୍ରତି ତୁମ୍ଭର ଭକ୍ତି ଅଚଳା ହେବ। ଏହି ମନ୍ଦିର ଭଗ୍ନ ହୋଇଗଲେ ମଧ୍ୟ ମୁଁ କଦାପି ଏହି ସ୍ଥାନ ପରିତ୍ୟାଗ କରିବି ନାହିଁ। ଏହି ପ୍ରାସାଦ ମନ୍ଦିର ଭୂମିସାତ୍ ହେଲେ ମଧ୍ୟ ମୁଁ ଏହି ଦାରୁମୟ ଦେହରେ ପଦ୍ମଯୋନି ବ୍ରହ୍ମାଙ୍କ ଦ୍ୱିତୀୟ ପରାର୍ଦ୍ଧକାଳ ପରିସମାପ୍ତି ପର୍ଯ୍ୟନ୍ତ ଅବସ୍ଥାନ କରିବି। ମୁଁ ତୁମ୍ଭ ନିକଟରେ ଏହା ଚତୁର୍ବାର ସତ୍ୟ କରି କହୁଛି। ତାହେଲେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ନୂଆ ରଥ ଚଢ଼ି ସେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଚାଲିଯାଆନ୍ତି କିପରି ? ଏହା କ'ର ତାଙ୍କର ସତ୍ୟଭଙ୍ଗ ନୁହେଁ ? ବିଶ୍ୱ ବିସ୍ତୃତ ଜଗନ୍ନାଥଙ୍କ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ ଧାମର ପ୍ରାଚୀନତା ମୂର୍ତ୍ତି ତତ୍ତ୍ୱ ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା ସକଳ ବିଷୟ ରହସ୍ୟାବୃତ୍ତ। ସାରଳା ଦାସଙ୍କ ଭାଷାରେ - 'ଅର୍ଜ୍ଜୁନ ବୋଇଲା ଯେଥକୁ ଦେବ ନକର ଚିନ୍ତା। ବଡ଼ ବଳବନ୍ତ ପୁରୁଷେକ ଯେ ଅଛଇ ରଖନ୍ତା। ସେହି ଖଡ଼ି ଘେନି ଲେଖନ କଲାକ ପିତୁଳୀ। ସେହି ପିତୁଳୀ ବିଦାରି ବାହାର ହୋଇଲା ପ୍ରଚଣ୍ଡ ବଳୀ।' ଦିବ୍ୟବୃକ୍ଷ ଓ ଦିବ୍ୟ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେହି ପିତୁଳୀ ଜଗି ରହିଲା। ସାରଳା ଦାସଙ୍କ ବର୍ଣ୍ଣନାରେ ତାହାର ରୂପ ଏହି ପରି - 'କର ଚରଣ ନାହିଁ ଯେ ନାହିଁ ତାର ମୁଣ୍ଡ। ପେଟ ପିଠିନାହିଁ ଅଙ୍ଗ ମେଦ ମୃତ୍ୟୁପିଣ୍ଡ। ଅଦଉଡିରେ ଅବଂଧନେ ଲାଗିଲା ତାର କାୟୋ, ବୃକ୍ଷର ଉପରେ ବୁଲିଲା ସେ ତମ୍ଭାଚକ୍ର ପ୍ରାୟେ।' ଶାସ୍ତ୍ରୀୟ ପରମ୍ପରା ବିଧିରେ ମାନବ ଜାତିର ଐତିହ୍ୟରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ଜନପ୍ରିୟ ପ୍ରସାରଣ ଶୀଳତାରେ ବୈଦିକ ସଂସ୍କୃତିକୁ ବିଶ୍ୱ ସଂସ୍କୃତିରେ ରୂପାନ୍ତରିତ କରିପାରିଛି। ସିଏ ମୁକ୍ତ - ଚିର ମୁକ୍ତ। ତେଣୁ ସେ ପତିତର ବନ୍ଧୁ ଦଳିତର ବନ୍ଧୁ, ଦରିଦ୍ରର ବନ୍ଧୁ। ଯଥାର୍ଥରେ ସେ ଗଣବନ୍ଧୁ।

ରଥଯାତ୍ରା ପରି ଏକ ଜାତୀୟ ଗଣପର୍ବ ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବୁଝାଇ କହିବାର ନାହିଁ। ଏହି ଗଣଦେବତା ଓ ଗଣଉତ୍ସବକୁ ନେଇ ଓଡ଼ିଶାର ପରିଚିତି, ଓଡ଼ିଆ ଜାତିର ପରିଚିତି।


ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭

E-mail : kabirkjena@gmail.com


# ଶ୍ରାବଣ ଯାତ୍ରା : ବୋଲ୍‌ବମ୍

**ଅଭୟ କୁମାର ଦାସ**

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ। ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ। ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି। ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ। ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି। ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି। ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରିମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି।

ଏ ପରମ୍ପରା କେବେଠୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରମାଣ ନାହିଁ। ତେବେ ପୁରାଣମାନଙ୍କରେ ଏହାର ପ୍ରମାଣ ଅଛି। ଦେବତା ଓ ଅସୁରମାନଙ୍କ ଦ୍ୱାରା କରାଯାଇଥିବା ସମୁଦ୍ର ମନ୍ଥନ ଯୋଗୁଁ ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା। ଦେବତାମାନଙ୍କ ଅନୁରୋଧକ୍ରମେ ମହାଦେବ ସେହି ବିଷପାନ କରିଥିଲେ। ଫଳରେ ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା। ବିଷପାନ ଯନ୍ତ୍ରଣାରୁ ଲାଘବ କରିବା ପାଇଁ ଦେବତାଗଣ, ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢ଼ାଳିଥିଲେ। ଶିବଙ୍କ ଠାରୁ କୃପା ଲାଭ କରିବା ଶ୍ରାବଣମାସରେ ପ୍ରତିବର୍ଷ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଇଆସୁଛି। ଭଗବାନ ଶିବ ଗଙ୍ଗାଜଳ ସ୍ନାନ ଦ୍ୱାରା ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବା ଦ୍ୱାରା ସେତିକି ପ୍ରସନ୍ନ ହୋଇନଥାନ୍ତି। ଏହି କାରଣରୁ ପୂର୍ବେ ଭକ୍ତମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହିଆଣି ରାମେଶ୍ୱର ଯାଇ ଶିବଙ୍କ ଶିରରେ ଜଳ ଲଗାନ୍ତି। ସେମାନେ ଏ ଜଳକୁ ଯେଉଁ ଭାରରେ ବୁହାନ୍ତି, ତାକୁ କୁହନ୍ତି କାଉଡି ବା କାଉଁରି ଭାର। କାଉଡି ବା କାଉଁରି ଅର୍ଥ ବାହୁଙ୍ଗି। ଏହାକୁ ଯେଉଁମାନେ ମୁହାନ୍ତି, ସେମାନଙ୍କୁ କୁହାଯାଏ କାଉଡିଆ ବା କାଉରିଆ। ଏମାନେ ଭାର ବୋହିକି ନେଲାବେଳେ କିଛି ଶବ୍ଦ ବା ସ୍ୱର ଉଚ୍ଚାରଣ କରୁଥାନ୍ତି। ତାହା ହେଉଛି - ବୋଲେବମ୍ ହରେବେମ୍ ବମ୍ ବମ୍ ଭୋଲେ। ତା' ସହିତ ଭୋଲେ ବାବା ରକ୍ଷାକରେ, ଭୋଲେ ବାବା ପାରକରେ ଇତ୍ୟାଦି ଶବ୍ଦ ବା ବାକ୍ୟ ବ୍ୟବହାର କରନ୍ତି। ବମ୍ ବମ୍ ହେଉଛି ଗାଲ ବାଦ୍ୟର ଶବ୍ଦ। ଭିନ୍ନ ଅର୍ଥରେ ଶିବପୂଜା ବାଦ୍ୟ। ଏମିତି ଡ଼ାକି ଡାକି କାଉଡିଆମାନେ ରାସ୍ତାସାରା ଚାଲିଥାନ୍ତି। ଏହାଦ୍ୱାରା ମଧ୍ୟ ପଥଚଲା କଷ୍ଟ ଲାଘବ ହୋଇଯାଏ। ଏମାନଙ୍କର ପୋଷାକ ସ୍ୱତନ୍ତ୍ର। ନାଲି ଅଥବା ହଳଦିଆ। ଖାଲି ପାଦ। କାନ୍ଧରେ ଭାର। ସବୁରେ ଶିବ ସଂକେତ। ସେମାନେ ଯେଉଁ ଢ଼ଙ୍ଗରେ ଯାଆନ୍ତି, ତାହାକୁ ଶାସ୍ତ୍ରରେ ଏହିପରି ଲେଖାଯାଇଛି 'ସ୍କନ୍ଦେଚ ବାମଂ ଦୃତ୍ୱା ବମ୍‌ବମ୍ ପ୍ରୋଜ୍ୟ କ୍ଷଣେକ୍ଷଣେ, ପଦେ ପଦେ ଅଶ୍ୱମେଧସ୍ତ ଅକ୍ଷୟ ପୁଣ୍ୟମ୍ ସୁତେ।' କାନ୍ଧରେ କାଉଡି ଭାରବୋହି ବୋଲବମ୍ ଡାକଦେଇ ଯିବା ଦ୍ୱାରା ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ। ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ। ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ। ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ। ସେ ମଧ୍ୟ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ। ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ।

ଓଡ଼ିଶାରେ ଏହି ଯାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେଉଁ କେଉଁ ଭକ୍ତମାନେ କଟକରୁ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଜଳ ଢ଼ାଳନ୍ତି ତ ଆଉ କିଏ ପୁରୀର ଲୋକନାଥ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଢ଼େଙ୍କାନାଳର କପିଳାସ ମନ୍ଦିର ଆଦିରେ ପାଣି ଢ଼ାଳନ୍ତି। ଏହି ଧାର୍ମିକ ଯାତ୍ରାରେ କାଉଡିଆଙ୍କ ସେବା ଶୁଶ୍ରୁଷା ତଥା ଯାତ୍ରା କଷ୍ଟ ଲାଘବ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ତଥା ସାଧାରଣ ଜନତା ରାସ୍ତାକଡ଼ରେ ବିଶ୍ରାମସ୍ଥଳ ଓ ଜଳଯୋଗର ବ୍ୟବସ୍ଥା ମଧ୍ୟ କରିଥାନ୍ତି। କାଉଡିଆ ପାଇଁ କିଛିଟା ସ୍ୱତନ୍ତ୍ର ନିୟମ ଅଛି। ଏହି ନିୟମାନୁଯାୟୀ ଭାରବୋହି ନେଲାବେଳେ ଭାରକୁ ଭୂମିରେ ଥୋଇବେ ନାହିଁ, ସେମାନେ ଏହି କାଳରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବେ। ଅର୍ଥାତ୍ ମଦ, ମାଂସ ଓ ମାଛ ଇତ୍ୟାଦି ଖାଦ୍ୟ ଗ୍ରହଣ କରିବେ ନାହିଁ। ମନରେ ମନ୍ଦ ବା ଅଶ୍ଳୀଳ ଅଥବା ପରର ଅନିଷ୍ଟ ଚିନ୍ତା କରିବେ ନାହିଁ। କ୍ରୋଧ, ଲୋଭ, ମୋହ ଅଥବା କୁକର୍ମ ତ୍ୟାଗ କରିବା ଉଚିତ। ଅନ୍ୟର ଜଳ ଗ୍ରହଣ କରିବା ଠାରୁ ଦୂରେଇ ରହିବା, ନିୟମିତ ସ୍ନାନ ଓ ପୂଜା କରିବା, କେଶ ଓ ନଖ କାଟିବା ଅନୁଚିତ, ଭୂମିରେ ବସ୍ତ୍ର ବିଛେଇ ଶୟନ କରିବା, ଦେହ ଓ ମନରେ କେବଳ ଶିବଙ୍କୁ ରଖିଲେ ଏ ଯାତ୍ରା ସଫଳ ହୁଏ। କାଉଡିଆ ଯାତ୍ରାରେ ନିତ୍ୟ କର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାଙ୍କୁ ପୂଜନ କରି ଜଳକୁ ତମ୍ବା, ପିତ୍ତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ। ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି। କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ। ଜଳସ୍ରୋତରୁ ଥରେ ଜଳ ଭରିକରି ତାକୁ ଅଭିଷ୍ଟ କର୍ମ ପୂର୍ବ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ। ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଯାଗାରେ ରଖିବା ଉଚିତ। ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ। ଯଦି କୌଣସି ବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭରି ଯାତ୍ରା କରିବା ଉଚିତ। ସୂର୍ଯ୍ୟୋଦୟର ଦୁଇ ଘଣ୍ଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି। ରାତ୍ର ସମୟରେ ବିଶ୍ରାମ ସ୍ଥଳରେ ରହି କାଉଡିଆମାନେ ମହାଦେବଙ୍କ ମନ୍ତ୍ର ତଥା ଭଜନ କରିବା ଉଚିତ। ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ। ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ। ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ। ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ। ଏହି ଯାତ୍ରା କରିବା ଦ୍ୱାରା ଭକ୍ତଙ୍କୁ ମାନସିକ ପ୍ରସନ୍ନତା, ମନରୋଗ, ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଦିନକୁ ଦିନ କାଉଡିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଏବେ ତ ଉଭୟ ପୁରୁଷ ଓ ନାରୀ କାଉଡିଆମାନେ ଏଥିରେ ସଂପୃକ୍ତ। ଏହି ଯାତ୍ରା ସଫଳ କରିବାପାଇଁ ବିଭିନ୍ନ ସଂସ୍ଥା ମଧ୍ୟ କିଛି ମହତ କାର୍ଯ୍ୟ କରିଥାନ୍ତି। ଯେପରି କାଉଡିଆ ପାଇଁ ପୋଷାକ, ବିଶ୍ରାମସ୍ଥଳ, ଖାଦ୍ୟ ଓ ସେବା ଶୁଶ୍ରୁଷା ଇତ୍ୟାଦି କରିଥାନ୍ତି। ଏହା ପଛରେ ଲୋକଙ୍କ ମନରେ ଶ୍ରଦ୍ଧା, କର୍ମ ଧର୍ମ ଭାବ ଜାଗ୍ରତ ହୋଇଥାଏ। ନିଃସ୍ୱାର୍ଥ ଭାବରେ ଯେଉଁ ସେବାକରନ୍ତି ତାହା ଭଗବାନଙ୍କ ସେବା ବୋଲି ଲୋକମାନେ ମନେ କରିଥାନ୍ତି। କାଉଡିଆମାନେ ଜଳପାତ୍ରକୁ ପ୍ରଣାମ କରିବା ଉଚିତ।


ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭


# ବର୍ଷାଦିନିଆ ନାସା-ଗଳା-କର୍ଣ୍ଣ ସଂକ୍ରମଣ ସମସ୍ୟା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ବର୍ଷାଋତୁରେ ପ୍ରାୟତଃ ଅନେକ ଓଦାରେ ଜଡ଼ଷଡ଼ ହୋଇଯାଆନ୍ତି। ଲଗାଣ ବର୍ଷା ହେଉ ବା ଆଂଶିକ ବର୍ଷା, ଏହି ବର୍ଷା ଋତୁ କିନ୍ତୁ ବିଶେଷକରି କାନ, ନାକ ଓ ଗଳାରେ କେତେକ ସାଧାରଣ ରୋଗ ଦେଖାଇଥାଏ। ଆସନ୍ତୁ ଜାଣିବା ସେ ନେଇ କ'ଣ କହୁଛନ୍ତି ବିଶେଷଜ୍ଞ ଡାକ୍ତର।

ଆପଣଙ୍କ ପୂର୍ବରୁ କାନ ପାଚିବା ସମସ୍ୟା ଥିଲେ ଯଦି ବର୍ଷାରେ ଆପଣ ତିନ୍ତି ଯାଇ ବର୍ଷା ପାଣି ଆପଣଙ୍କ କାନ ଭିତରେ ପଶେ ତେବେ ଏହା ଅନେକ ପରିପାର୍ଶ୍ୱିକ ସମସ୍ୟା ଓ ଆପଣଙ୍କ ପୂର୍ବ କାନ ପଚାର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଥାଏ। କାନରୁ ପୂଜ, ଦୁର୍ଗନ୍ଧଯୁକ୍ତ ପାଣି ବା ଲସା ବାହାରିବା କାନପଚା ରୋଗର ମୁଖ୍ୟ ଲକ୍ଷଣ। କାନ ପାଚିଲେ ଅନେକ ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ। ବ୍ୟାକ୍ଟେରିଆ, ଭାଇରସ ଓ ଫଙ୍ଗସ ସଂକ୍ରମଣ ଏହି ରୋଗର ମୁଖ୍ୟ କାରଣ। ଯେତେ ଶୀଘ୍ର ସମ୍ଭବ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିବା ଜରୁରୀ।

ବର୍ଷା ଋତୁରେ ପାଣିପାଗ ଥଣ୍ଡାଳିଆ ରହୁଥିବାରୁ ଏବଂ ଏହି ସମୟରେ ବର୍ଷାରେ ଭିଜିଗଲେ ଅନେକଙ୍କ ଗଳା ଦରଜ ସମସ୍ୟା ଦେଖା ଦେଇଥାଏ। କେହି କେହି ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅତ୍ୟନ୍ତ ଯନ୍ତ୍ରଣା ଦାୟକ ସାବ୍ୟସ୍ତ ହୋଇଥାଏ। ଗଳାର ଭିତର ପାଖରେ ଟନସିଲାଇଟିସ, ଫାରିଞ୍ଜାଇଟିସ, ଲାରିଞ୍ଜାଇଟିସ, ବ୍ରୋଙ୍କାଇଟିସ ଇତ୍ୟାଦି ରୋଗ ହେଲେ ତଣ୍ଟି ଦରଜ ହେବା ସହ ଜ୍ୱର ହୋଇଥାଏ। ତଣ୍ଟି ବସିଯାଏ। ଏହିପରି କିଛି ଲକ୍ଷଣ ଦେଖିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ।

ବର୍ଷା ଦିନରେ ଅନେକ ଲୋକଙ୍କ ଠାରେ ନାକ ଚୁଣ୍ଟି ହେବା ଓ ନାକରୁ ରକ୍ତ ବାହାରିବାର ସମସ୍ୟା ଦେଖାଯାଇଥାଏ। ତେବେ ମୁଖ୍ୟ କଥା ହେଉଛି, ଏ ଗୁଡ଼ିକ କ୍ରନିକ ରାଇନାଟିସ ରୋଗର କେତେକ ସାଧାରଣ ଲକ୍ଷଣ। ଏହି ରୋଗର ସାମୂହିକ ଉପଶମ ପାଇଁ ଉଷୁମ ଲୁଣ ପାଣି ପକାଇ ନାକ ଭିତରକୁ ସଫା କରିବା ଏବଂ ନାକ ଚୁଣ୍ଟି ନହେବା ପାଇଁ ସାଧାରଣ ନାଜାଲ ଡ୍ରପ ପକାଇବା ଦରକାର। ଜରୁରୀ ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଶଲ୍ୟ ଚିକିତ୍ସା ମଧ୍ୟ କରାଯାଇପାରେ। ତେବେ ଏହା ଆପଣଙ୍କ ସମସ୍ୟାକୁ ଦେଖି ଡାକ୍ତର ନିର୍ଣ୍ଣୟ ନେଇଥାନ୍ତି। ସେହିପରି ଏହି ଋତୁରେ ଅନେକ ପିଲାମାନଙ୍କ ଠାରେ ଥ୍ରୋଟ୍ ଇନଫେକ୍ସନ ହୋଇଥାଏ। ଆମେ ସେମାନଙ୍କୁ ଆଣ୍ଟିବାୟୋଟିକ ଦେଇଥାଉ। ଥ୍ରୋଟ ଇନଫେକ୍ସନ ହେଲେ ଆମେ ଗରମ ଗରମ ଲୁଣ ପାଣି ନେଇ ଗଳ ଗଳ କରିବାକୁ କହିଥାଉ। ସେଥିରେ ନ କମିଲେ ଆଣ୍ଟିବାୟୋଟିକ ଖାଇବାକୁ ଦିଆଯାଏ। ବର୍ଷା ଦିନରେ ପିଲାଙ୍କୁ ଯଥା ସମ୍ଭବ ଥଣ୍ଡାଖାଦ୍ୟ, ଥଣ୍ଡା ପାନୀୟ ଓ ଫ୍ରିଜରେ ରହିଥିବା ଖାଦ୍ୟ ଦିଅନ୍ତୁ ନାହିଁ। ତେବେ ଡାକ୍ତରଙ୍କ ପରାମର୍ଶ ବିନା ପୁଣି ଥରେ ସମାନ ଆଣ୍ଟିବାୟୋଟିକ୍ ଖାଇବା ଅନୁଚିତ। ବର୍ଷା ଋତୁରେ ଅନେକ ନାସା-ଗଳା-କର୍ଣ୍ଣ ସଂକ୍ରମଣ ଭୋଗୁଥିବା ରୋଗୀମାନେ ଅନେକ ଜଟିଳ ଉଭୟ ନାକ ଓ ଗଳା ସମ୍ବନ୍ଧୀୟ ଯନ୍ତ୍ରଣା ସାମ୍ନା କରିଥାନ୍ତି। ବାରମ୍ବାର ନାସା ଓ ଗଳା ସଂକ୍ରମଣ ହେଉଥିଲେ ନାକ ଭିତରକୁ ଲୁଣ ପାଣିରେ ଧୋଇ ସଫା ରଖନ୍ତୁ। କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପସ କିଣି ପକାଇଦେବା କିମ୍ବା ଯନ୍ତ୍ରଣା ନିବାରକ ଔଷଧ ଖାଇବା ଅନୁଚିତ। ବେଳେ ବେଳେ କାନରେ ଫଙ୍ଗାଲ ଇନଫେକ୍ସନ ହୋଇଥାଏ, ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ।

ବର୍ଷା ଋତୁଟି ଉଭୟ ଥଣ୍ଡା ଓ ବର୍ଷାର ସମସ୍ୟା ରହିବା ସହ ଲଗାଣ ବର୍ଷାରେ ଘଣ୍ଟା ଘଣ୍ଟା ଧରି ତିନ୍ତିବା ଓ ଏହାର ପାଣି ନାକ ବା କାନରେ ପଶିବା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଯଥା ସମ୍ଭବ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରୁହନ୍ତୁ। ପୂର୍ବରୁ କୌଣସି କାନ ସମସ୍ୟା ଥିଲେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆମ ଶରୀରରେ କାନ-ନାକ-ଗଳା ଏପରି ଏକ ଶରୀର ତତ୍ତ୍ୱ ଯାହାକି କୌଣସି ଗୋଟିଏ ଶାରୀରିକ ସମସ୍ୟା ଅନୁଭବ କଲେ ତାହା ଅନ୍ୟ କ୍ଷେତ୍ରକୁ ସଂକ୍ରମିତ କରିବାର ସମ୍ଭାବନା ଅଛି। ତେଣୁ ବର୍ଷା ଦିନଟି ବିଶେଷକରି କର୍ଣ୍ଣ-ନାକ-ଗଳାକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିଲେ ଉପରୋକ୍ତ ପରାମର୍ଶ ଗ୍ରହଣ କରିବା ଜରୁରୀ।


**ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**


# ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନା

**ସୌର ଚନ୍ଦ୍ର ମହାପାତ୍ର**

କ୍ଷଣଭଙ୍ଗୁର ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ଐଶ୍ୱରୀୟ ଚେତନା ଜୀବନସ୍ରୋତରେ ମିଶାଇ ସମାଜର କଲ୍ୟାଣ ପାଇଁ ଏବଂ ଧରାପୃଷ୍ଠରୁ ଅଶୋଭନୀୟତାର ଚିତ୍ରକୁ ବଦଳାଇ ଜଗତର ସର୍ବବିଧ ମଙ୍ଗଳ ପାଇଁ ଯେଉଁ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନାର ମାର୍ଗଦର୍ଶକ ତଥା ସ୍ରଷ୍ଟା ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା। ଭଗବାନ ଶ୍ରୀ ସତ୍ୟସାଇଙ୍କ ବାର୍ତ୍ତା ଏବଂ ଉଦାରତା ଦ୍ୱାରା ଅତିମାତ୍ରାରେ ବିହ୍ୱଳିତ ଅନେକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ଉନ୍ନତି ଏବଂ ରୂପାନ୍ତରଣ ଲାଭ କରିଛନ୍ତି ତାଙ୍କ ଦିବ୍ୟ ସାନ୍ନିଧ୍ୟ ଲାଭ କରି । ବିଶ୍ୱପ୍ରେମ ଓ ତାହାକୁ ଅବଲମ୍ବନ କରିବା ଉପରେ ଶ୍ରୀ ସତ୍ୟସାଇଙ୍କଙ୍କ ପ୍ରଦତ୍ତ ଦିବ୍ୟ ବାଣୀ ଓ ଉପଦେଶ, ଓଡ଼ିଶା ତଥା ବିଭିନ୍ନ ରାଜ୍ୟ ତଥା ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ହୃଦୟରେ ପହଞ୍ଚିଗଲାଣି ।

ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଶିକ୍ଷା, ସମସ୍ତ ସୀମା ସରହଦର ଅତୀତକୁ ଯାଇ, ଜାତି, ଧର୍ମ ଓ ସମ୍ପ୍ରଦାୟକତାର ଉର୍ଦ୍ଧ୍ୱରେ ପହଞ୍ଚିଗଲାଣି । ସାମାଜିକ ଦାୟିତ୍ୱକୁ ଆନନ୍ଦର ସହ ବହନ କରି, ବହୁ ବିବିଧତା ମଧ୍ୟରେ ଏକତା ଅନୁସନ୍ଧାନ କରିବା ପାଇଁ ସେ ତାଙ୍କ ଆଶ୍ରିତମାନଙ୍କୁ କହିଥାନ୍ତି । ଲକ୍ଷ ଲକ୍ଷ ଆଶ୍ରିତମାନଙ୍କ ସହ ଶ୍ରୀ ସତ୍ୟସାଇ ଆଜି ଜଣେ ବିଶ୍ୱଗୁରୁ ଭାବେ ଏବଂ ମାନବିକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି । ତାଙ୍କ 'ସର୍ତ୍ତଶୂନ୍ୟ ପ୍ରେମ'ର ବାଣୀ ଆଜି ନିଃସ୍ୱାର୍ଥ ସେବାକର୍ମର ସାକାର ରୂପ ଭାବେ ପ୍ରକାଶିତ ହୋଇ ସମଗ୍ର ବିଶ୍ୱବ୍ୟାପ୍ତ ସତ୍ୟସାଇ ସଙ୍ଗଠନର ସଦସ୍ୟମାନଙ୍କଠାରେ ସହସ୍ରାଧିକ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଏହି ଅତୁଳନୀୟ ଆଧ୍ୟାତ୍ମିକବାଦର ଉଦ୍‌ଘୋଷକ ସେହି ବ୍ୟକ୍ତିତ୍ୱ ଯିଏ ଏକା ଏକା ଶିକ୍ଷା ପଦ୍ଧତିକୁ ସଂଶୋଧନ କରି ତାହାକୁ ମୂଲ୍ୟବୋଧଭିତ୍ତିକ କଲେ, ବିଶ୍ୱାତ୍ମକ ସ୍ୱାସ୍ଥ୍ୟସେବାର ନୂତନ ସଂଜ୍ଞା ନିରୂପଣ କଲେ ଏବଂ ସମାଜସେବା ସହ ଆଧ୍ୟାତ୍ମିକତାକୁ ସମନ୍ୱିତ କଲେ । ତାଙ୍କ ଜୀବନ ଓ ବାର୍ତ୍ତା ଏଭଳି ଶକ୍ତିଶାଳୀ ଯେ, ବହୁ ଉଚ୍ଚଶିକ୍ଷିତ ଏବଂ ଉଚ୍ଚକୁଳଜାତ ପୁରୁଷ ଓ ମହିଳା ତଥା ଦରିଦ୍ରତମ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ସେମାନଙ୍କ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରିସାରିଲେଣି । ତାଙ୍କର ଅସୀମ ପ୍ରେମଭାବ, ଆନ୍ତର୍ଜାତୀୟ ସୁଖ୍ୟାତି ଏବଂ ଆଦୃଷ୍ଟପୂର୍ବ ଯଶକୀର୍ତ୍ତି ଦେଖି ଅନେକ ପ୍ରଶ୍ନ କରିବାକୁ ବାଧ୍ୟ ହେଲେଣି ଯେ, "ପ୍ରକୃତରେ ସେ କିଏ ?"

'ମୁଁ ଦିବ୍ୟସତ୍ତା ଏବଂ ତୁମ୍ଭେମାନେ ମଧ୍ୟ । ଆମ ଭିତରେ ପାର୍ଥକ୍ୟ ଏତିକି ଯେ, ମୁଁ ଜାଣେ ମୁଁ ଜଣେ ଦିବ୍ୟସତ୍ତା ତୁମ୍ଭେମାନେ ନିଜେ ଦିବ୍ୟସତ୍ତା ବୋଲି ଜାଣିନାହିଁ ।' ତାଙ୍କ ପରିଚୟ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହା ଥିଲା ଭଗବାନ ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଉତ୍ତର । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଦିବ୍ୟ ସ୍ୱଭାବ ହିଁ ତାଙ୍କ ମିଶନର ଆଧାର ଶୀଳା । ତାଙ୍କ ଆଶ୍ରିତ ଓ ଅନୁଗାମୀ ମାନଙ୍କୁ ସମ୍ଭାଷଣ ପ୍ରଦାନ କଲାବେଳେ ସେ ସମସ୍ତଙ୍କୁ ଦିବ୍ୟସ୍ୱରୂପ ବୋଲି ସମ୍ବୋଧନ କରିଥାନ୍ତି । ତାଙ୍କ ମିଶନ୍‌କୁ ସ୍ପଷ୍ଟ କରିବାକୁ ଯାଇ ସେ କହନ୍ତି, 'କୌଣସି ଧର୍ମକୁ ନଷ୍ଟ ବା ବ୍ୟାଘାତ ପହଞ୍ଚାଇବା ପାଇଁ ମୁଁ ଆସି ନାହିଁ; ବରଂ ପ୍ରତ୍ୟେକଙ୍କୁ ନିଜ ନିଜ ଧର୍ମରେ ପୁନଃପ୍ରତିଷ୍ଠିତ କରିବାକୁ ଆସିଛି । ଫଳରେ ଜଣେ ଖ୍ରୀଷ୍ଟିୟାନ୍ ଆହୁରି ଭଲ ଖ୍ରୀଷ୍ଟିଆନ୍ ହେବ, ମୁସ୍‌ଲିମ୍ ଆହୁରି ଭଲ ମୁସଲିମ୍ ହେବ ଏବଂ ହିନ୍ଦୁ ଆହୁରି ଭଲ ହିନ୍ଦୁ ହୋଇପାରିବ ।'

ତାଙ୍କ ନିଜ ଭାଷାରେ ସେ କହନ୍ତି, 'ସମଗ୍ର ମାନବଜାତିକୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ଏକ ପରିବାରଭୁକ୍ତ କରିବା, ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ସତ୍ୟକୁ ଆଲୋକିତ ତଥା ପ୍ରତିପାଦିତ କରିବା, ଯେଉଁ ଦୈବତ୍ୱ ସମଗ୍ର ଜଗତର ଆଧାର ତାହା ଦର୍ଶାଇ ଦେବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଦିବ୍ୟ ବନ୍ଧନକୁ ଚିହ୍ନାଇବା ପାଇଁ ସାଇ ଆସିଛନ୍ତି, ଯାହା ଫଳରେ ମଣିଷ, ତା'ଜୀବନର ଲକ୍ଷ, ଦୈବୀସ୍ତରକୁ ଉତ୍‌ଥିତ ହୋଇପାରିବ । ମଣିଷ ସାର୍ଥକ ଜୀବନ ଯାପନ କରିବା ପାଇଁ ସେ ଯେଉଁ ସୂତ୍ର ଯୋଗାଇ ଦେଇଛନ୍ତି ତାହା ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ରୂପକ ପଞ୍ଚାଙ୍ଗମାର୍ଗ । 'ଦୈବ ପ୍ରୀତି, ପାପଭୀତି ଓ ସଂଘ ନୀତି' ହେଉଛି ଏ ପୃଥିବୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଦତ୍ତ ଔଷଧାଦିର ବ୍ୟବସ୍ଥା ପତ୍ର । ତାଙ୍କ ଦ୍ୱାରା କରାଯାଇଥିବା ଅସଂଖ୍ୟ ସେବା ପ୍ରକଳ୍ପ ତାଙ୍କ ଅନୁକମପାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର । 'ମୋ ଜୀବନ ହିଁ ମୋର ବାର୍ତ୍ତା ।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା ।' ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି । ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି। ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ। ଭଗବାନ ଶ୍ରୀ ସାଇ ତାଙ୍କ ସମ୍ଭାଷଣରେ କହିଛନ୍ତି ଆଇନ ହେଉଛି ତିନି ପ୍ରକାର। ଗୋଟିଏ ହେଉଛି ଗଡ଼ ମେଡ଼ ଲ', ଦ୍ୱିତୀୟଟି ହେଉଛି ମ୍ୟାନ ମେଡ଼ ଲ', ତୃତୀୟଟି ହେଉଛି ନେଚର ମେଡ଼ ଲ'। ଆମ୍ଭେମାନେ ଗଡ଼ ମେଡ଼ ଲ'କୁ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେବା ଦରକାର।

ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି । ତାଙ୍କ ବାର୍ତ୍ତା ହିଁ ଏକ ଆଧ୍ୟାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ । ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ । ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ । ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଞ୍ଚି ପାରିଛି । ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର। ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି। ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି। ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି। ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ। ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର। ଭଗବାନ ତ ଅସୀମ। ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ। ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ। ସସୀମ, ଅସୀମ ଭିତରେ ଲୀନ ହୋଇଯାଏ। ସତ୍ୟ ଓ ପ୍ରେମ ମାଧ୍ୟମରେ ମାନବିକତାର ପୁନରୁଦ୍ଧାର ମୋର ଦାୟିତ୍ୱ। ମୁଁ ତୁମକୁ ଉଭୟ ଧର୍ମ ଓ ବ୍ରହ୍ମ ମାର୍ଗ ଦେଖାଇବାକୁ ଆସିଛି। ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି। ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ। ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ। ଭଗବାନ ସଶରୀରରେ ତୁମ ପାଖେ ଅଛନ୍ତି ଏହି ବିଶ୍ୱାସର ସହ ତୁମକୁ ଦିଆଯାଇଥିବା କର୍ମ କରିଯାଅ। ନାମ ସ୍ମରଣରେ ନିୟୋଜିତ ହୋଇ ରହି ତାହା ହିଁ ସର୍ବୋତ୍ତମ ସାଧନା। ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା। ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ। ତାହା ହିଁ ତୁମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬

'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,

## କାକାର କୁଦାଳି ମାଡ଼େର ପୁତୁରା ଗୁରୁତର

ଦେବଗଡ, (ମହାଭାରତ) : ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ତଥା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ପରା ଗ୍ରାମରେ ଗତକାଲି ସନ୍ଧ୍ୟାରେ କାକାର କୋଦାଳ ମାଡରେ ପୁତୁରା ଗୁରୁତର ଆହତ ହୋଇଛନ୍ତି । ଗତକାଲି ଜମି ବାଡିକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗୋଣ୍ଡଗୋଳ ଘଟିଥିଲା । ଥାନାରେ ମାମଲା ରୁଜୁ ପରେ କୁଣ୍ଢେଇଗୋଲା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ ପରା ଗ୍ରାମର ଜୟକୃଷ୍ଣ ବିଶ୍ୱାଳ (୫୫)ଏବଂ ତାଙ୍କ ପୁତୁରା କୃପାସିନ୍ଧୁ ବିଶ୍ୱାଳ (୩୨)ଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉଦକ୍ଷିପ୍ତ ହୋଇ ଏକ କୋଦାଳ ଯୋଗେ କୃପାସିନ୍ଧୁଙ୍କୁ ତାଙ୍କ କାକା ଜୟକୃଷ୍ଣ ଆକ୍ରମଣ କରିଥିଲା । ଫଳରେ କୃପାସିନ୍ଧୁଙ୍କ ମୁଣ୍ଡ ଏବଂ କାନରେ ଗୁରୁତର ଆଘାତ ଲାଗିଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଗୁରୁତର ଅବସ୍ଥାରେ ମେଡିକାଲରୁ ଫେରି କୃପାସିନ୍ଧୁ କୁଣ୍ଢେଇଗୋଲା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ହେଲେ ଜୟକୃଷ୍ଣ ବିଶ୍ୱାଳ ପରା ହାଇସ୍କୁଲରେ ସରକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି । ଯାହାଫଳରେ ଜୟକୃଷ୍ଣଙ୍କ ଚାକିରୀ ଚାଲିଯିବା ଭୟରେ ଘଟଣା ଟିକୁ ଚାପି ଦେବାକୁ ପୋଲିସ ସାହାଯ୍ୟରେ ଉଦ୍ୟମ ଚଳାଇଥିବା ଜଣାପଡିଛି । ପୋଲିସ ଏହି ଘଟଣାର ସଠିକ୍ ତଦନ୍ତ କରିବା ସହିତ ଅଭିଯୁକ୍ତ କାକା ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ମତେ ନ୍ୟାୟ ପ୍ରଦାନ କରନ୍ତୁ ବୋଲି କହିଛନ୍ତି ।

## ମାଲକାନଗିରି ଗସ୍ତରେ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ମହମୁଦ ଅହମ୍ମଦ : ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ସମୀକ୍ଷା



ମାଲକାନଗିରି,(ମହାଭାରତ) : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ମାଲକାନଗିରି ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ମହମୁଦ ଅହମ୍ମଦ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିବା ସହ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶ୍ରୀ ଅହମ୍ମଦ ପୂର୍ବାହ୍ନରେ ଚିତ୍ରକୋଣ୍ଡା ଗସ୍ତ କରି ସେଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟ ଏବଂ ସେଣ୍ଟର ଫର ଏକ୍ସଲେନ୍ସ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବାର ଅନୁଧ୍ୟାନ କରିଥିଲେ । ଏହାପରେ ସେ ଗୋଜାଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଲାଉଗୁଡ଼ାଠାରେ ଚାଲିଥିବା ଆଧୁନିକ ଡ୍ରାଗନ ଫ୍ରୁଟ୍ ଚାଷର ଅଗ୍ରଗତି ପରଖିଥିଲେ । ବଡ଼ପଦା ଶିକ୍ଷା ସଙ୍କୁଳ ପରିଦର୍ଶନ ସମୟରେ ସେ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ପାଠପଢ଼ା, ସୁବିଧା ଓ ଅସୁବିଧା ବିଷୟରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ଏହା ସହିତ କାଲିମେଲା ବ୍ଲକର ଭେଙ୍କଟପାଲମଠାରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏବଂପଞ୍ଚାୟତ ପଲ୍ଲୀ ଉନ୍ନୟନ ମିଶନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ । ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ କେନ୍ଦ୍ରୀୟ ପ୍ରଭାରୀଙ୍କୁ ଉତ୍ତରୀୟ ଓ ବୃକ୍ଷ ଚାରା ପ୍ରଦାନ କରି ସ୍ୱାଗତ କରିଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ବୈଠକରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରାଜାରାମ ମଲ୍ଲିକ ଜିଲ୍ଲାର ୩ଟି ଆକାଂକ୍ଷୀ ବ୍ଲକ— ମାଥିଲି, ଖୈରପୁଟ ଓ ଚିତ୍ରକୋଣ୍ଡା ସମେତ ସମଗ୍ର ଜିଲ୍ଲାରେ ଚାଲିଥିବା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ର ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଶ୍ରୀ ଅହମ୍ମଦ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମୀଣ ଅଭିବୃଦ୍ଧି ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ସମୀକ୍ଷା କରି ସମସ୍ତ ବିଭାଗକୁ ସେମାନଙ୍କର ଲକ୍ଷ୍ୟଧାର୍ଯ୍ୟ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ସ୍କୁଲଗୁଡ଼ିକରେ କାର୍ଯ୍ୟକ୍ଷମ ମହିଳା ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା, ଚାଷୀଙ୍କ ପାଇଁ ଫସଲ ବୀମା, ମାଣ୍ଡିଗୁଡ଼ିକୁ ଇ-ମାର୍କେଟ ସହ ସଂଯୋଗ, ଗ୍ରାମୀଣ ପକ୍କାଘର, ସଡ଼କ ସଂଯୋଗୀକରଣ ଏବଂ ପ୍ରଧାନମନ୍ତ୍ରୀ ଜନଧନ ଓ ମୁଦ୍ରା ଋଣ ଭଳି ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ଅଧିକ ବ୍ୟାପକ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ପ୍ରଗତି ସମ୍ପର୍କରେ ମତ ଦେଇ ଅତିରିକ୍ତ ସଚିବ ଶ୍ରୀ ଅହମ୍ମଦ କହିଛନ୍ତି ଯେ, ମାଲକାନଗିରି ଜିଲ୍ଲା ସାମଗ୍ରିକ ପ୍ରଗତି ପଥରେ ଦ୍ରୁତ ଅଗ୍ରସର ହେଉଛି । ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ପ୍ରମୁଖ ସୂଚକାଙ୍କଗୁଡ଼ିକରେ ଜିଲ୍ଲାର ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ରହିଛି । ଜିଲ୍ଲାପାଳଙ୍କ ଦକ୍ଷ ନେତୃତ୍ୱରେ ପରିଚାଳିତ ପ୍ରଶାସନିକ ଟିମ୍ ସହାୟତାରେ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସଫଳ ରୂପାୟନ ହାସଲ କରିବା ସହ ଆଗାମୀ ୬ ମାସ ମଧ୍ୟରେ ସାମାଜିକ ଅର୍ଥନୀତିର ଅଭିବୃଦ୍ଧିକୁ ଆହୁରି ବେଗବାନ କରିବା ପାଇଁ ପ୍ରଶାସନ ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଉଚ୍ଚସ୍ତରୀୟ ବୈଠକରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ସମସ୍ତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନାବାଳିକା ଅପହରଣ ମାମଲାର ଜଣେ ଗିରଫ



ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଚ୍ଛା ଥାନା ପୋଲିସ ନାବାଳିକା ଅପହରଣ ମାମଲାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଜଣଙ୍କ ବିଜତଇଲା ଗ୍ରାମର ରମାକାନ୍ତ ନାଏକଙ୍କ ୨୨ ବର୍ଷୀୟ ପୁତ୍ର ଶମ୍ଭୁ ଓରଫ୍ ମିଲନ କୁମାର ନାଏକ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ସୂଚନା ଅନୁଯାୟୀ ୨୦୨୬ ମଇ ୧୪ ତାରିଖ ଦିନ ରାତିରେ ଶମ୍ଭୁ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ପୀଡ଼ିତାଙ୍କ ପିତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ତତ୍ପରତା ପ୍ରକାଶ କରିବା ସହ ପରଦିନ ଅର୍ଥାତ୍ ୧୫ ତାରିଖରେ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା । ତେବେ ପୀଡ଼ିତା ନାବାଳିକାଙ୍କ ବୟାନ ଆଧାରରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ସହ ଶମ୍ଭୁକୁ ଗିରଫ କରାଯାଇ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ପ୍ରଦାନ କରିଛନ୍ତି ।

## ପାରାଦୀପରେ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସ୍ୱତନ୍ତ୍ର ସମୀକ୍ଷା ବୈଠକ



ପାରାଦୀପ, (ମହାଭାରତ) : ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଅତ୍ୟାଧୁନିକ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏବଂ ପାରାଦ୍ୱୀପର ବିଭିନ୍ନ ଶିଳ୍ପ ସଂସ୍ଥାର ମିଳିତ ସହଯୋଗରେ ଭୂତମୁଣ୍ଡାଇ ଠାରେ ୧୦୦ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ୍ ନିର୍ମାଣ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ପାରାଦୀପ ସ୍ଥିତ ସର୍କିଟ ହାଉସ ଠାରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ଏବଂ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ପାରାଦ୍ୱୀପର ସମସ୍ତ ବୃହତ୍ ଶିଳ୍ପର କର୍ତ୍ତୃପକ୍ଷ ଯୋଗଦେଇ ହସ୍ପିଟାଲର ଡ୍ରଇଁ ଏବଂ ଡିଜାଇନିଂର ସମୀକ୍ଷା କରିଥିଲେ । ଏହି ହସ୍ପିଟାଲ୍ ପ୍ରତିଷ୍ଠା ହେଲେ ପାରାଦୀପ ସମେତ ନିର୍ବାଚନ ମଣ୍ଡଳୀ ଅଞ୍ଚଳବାସୀଙ୍କୁ ଜଟିଳ ଚିକିତ୍ସା ପାଇଁ ଆଉ କଟକ କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ଏଠାରେ ହୃଦ୍‌ରୋଗ, ସ୍ନାୟୁରୋଗ, ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁରୋଗ ଏବଂ ଅସ୍ଥିଶଲ୍ୟ ଭଳି ବିଭିନ୍ନ ଜଟିଳ ରୋଗର ଚିକିତ୍ସା ସହ ପ୍ରତିଦିନ ବିଶେଷଜ୍ଞ ଡାକ୍ତରମାନେ ସେବା ଯୋଗାଇଦେବେ । ସମସ୍ତ ଅଂଶୀଦାର ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନସାଧାରଣଙ୍କ ସୁସ୍ଥ ଜୀବନଶୈଳୀ ପାଇଁ ରାଜ୍ୟ ସରକାରଙ୍କର ଏହି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ତେବେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦୀର୍ଘଦିନ ହେବ ସାଧାରଣରେ ଦାବୀ ହୋଇ ଆସୁଥିବା ଅତ୍ୟାଧୁନିକ ହସ୍ପିଟାଲ ନିର୍ମାଣର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି । ଏହି ପ୍ରୟାସ ଏବଂ ଉଦ୍ୟମ ପାଇଁ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ବିଦ୍ୟୁତ ବିଭାଗର ମେଣ୍ଟନାସ ନାଁରେ ବିଦ୍ୟୁତ କାଟ, ଉପ ଭୋକ୍ତା ହନ୍ତସନ୍ତ

ଗଜପତି, (ମହାଭାରତ) : ଜିଲ୍ଲାରେ ସବୁବେଳେ ମେଣ୍ଟନେସ ନାରେ ବିଦୁତ୍‌କାଟକୁ ଉପ ଭୋକ୍ତା ନାହିଁ ନଥିବ ଅସୁବିଧା ସମୁଖୀନ ହଉଛନ୍ତି । ବିଶେଷ କରି ବରିଷ୍ଠ ନାଗରିକ, ରୋଗୀ, ଛୋଟ ଶିଶୁ ଅସୁବିଧା ଭୋଗୁଛନ୍ତି । କିଛି ଉପଭୋକ୍ତା ବେଳେ ବେଳେ ଟାଙ୍କିକୁ ମଧ ମଟର ଦ୍ୟାର୍ । ପାଣି ଉଠାଇ ନଥାଉଛନ୍ତି । ଯାହାଫଳରେ ଶୌଚ, ଗା ।ଧୋଇବା ଭଳି କାମ ଅସୁବିଧା ହୋଇ ଥାଏ । ମେଡିକାଲ ଗୁଡିକରେ ମଧ ଅସୁବିଧା ସହ ସରକାରୀ ଅଫିସ ଗୁଡିକରେ ପିଲାଙ୍କ ପାଠ ପଢା ଅସୁବିଧା ହୋଇଥାଏ । ଆଗକୁ ରଥ ଯାତ୍ରା ଥିବାରୁ ମେଣ୍ଟନେସ ନାଁରେ ଗଛ ଡ଼ାଳ କାଟିବା କହୁଛନ୍ତି । ମାସକୁ କେତେ ଦିନ ମେଣ୍ଟନେସ୍ ବୋଲି ଲୋକଙ୍କ ମନରେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏପରିକି ସାମାନ୍ୟ ବର୍ଷା ପବନ ହେଲେ ସଙ୍ଗେ ସଙ୍ଗେ ବିଦୁତ୍ କାଟ ହୋଇଯାଇଛି । ବର୍ଷା ହେଲେ ନ କହିବା ଭଲ ଘଣ୍ଟା ଘଣ୍ଟା ବିଦୁତ୍ କାଟ ହଉଛି । ଲୋକଙ୍କୁ ସେବା ଯୋଗାଇବା ନାଁରେ ଶୋଷଣ କି ବୋଲି ଉପଭୋକ୍ତାଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି କରିଛି ।

## ପରଜଙ୍ଗ ବ୍ଲକରେ ୯ମ ସାଧାରଣ ପଞ୍ଚାୟତ ସମିତି ବୈଠକ




ପରଜଙ୍ଗ, (ମହାଭାରତ ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ୯ମ ସାଧାରଣ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଙ୍କ ଅଧକ୍ଷତା ରେ ହୋଇଥିଲା । ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତରେ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ , ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନି ରାଉତ, ୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ ଓ ପରଜଙ୍ଗ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ତଥା ପରଜଙ୍ଗ ବ୍ଲକ ର ସମସ୍ତ ପଞ୍ଚାୟତ ସରପଞ୍ଚ ଏବଂ ସମିତି ସଭ୍ୟ ବୃନ୍ଦ ଏହି ବୈଠକରେ ଉପସ୍ଥିତ ଥିଲେ । ଏହି ବୈଠକରେ ପୂର୍ବ ବୈଠକର ବିବରଣୀ, ଶିକ୍ଷା ବିଭାଗ ସମ୍ପର୍କିତ, ସାମାଜିକ ସୁରକ୍ଷା ସମ୍ପର୍କିତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ପର୍କିତ, ପାନୀୟ ଜଳ ଓ ପରିମଳ ସମ୍ପର୍କିତ ଉନ୍ନୟନ ମୂଳକ ଯୋଜନା ସଂପର୍କୀତ , ସମବାୟ ବିଭାଗ, ମହିଳା ଓ ଶିଶୁ ବିଭାଗ, ବିଦ୍ୟୁତ ବିଭାଗ ସମ୍ପର୍କିତ ଓ ସ୍ୱାସ୍ଥ୍ୟ ବିଷୟରେ ଆଲେଚନା ହୋଇଥିଲା । ବିଭିନ୍ନ ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚ ମାନେ ନିଜ ପଞ୍ଚାୟତ ର ସମସ୍ୟା ବିଷୟରେ ଅବଗତ କରାଇ ଥିଲେ । ଏ ନେଇ ସମସ୍ୟା ଦୂରୀଭୂତ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ବ୍ଲକ ଅଧକ୍ଷା ତୁରନ୍ତ ସମସ୍ତ ସମସ୍ୟାକୁ ସମାଧାନ କରିବା ସହ ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ପରଜଙ୍ଗ ଥାନା ଏସ ଆଇ ଦେବଗ୍ରାହୀ ମହାନ୍ତି, ଏ ଏସ ଆଇ ଜୋସେଫ ପଟ୍ଟନାୟକ ଓ ପୋଲିସ ଫୋର୍ସ ଉପସ୍ଥିତ ରହିଥିଲେ ।

## ଗାଈ ବେପାରୀରୁ ଲକ୍ଷପତି ! ବୋରଓ୍ୱେଲ ଗାଡ଼ିର ମାଲିକ କେମିତି ? ଲୋକଙ୍କ ମନରେ ଉଠୁଛି ଅନେକ ପ୍ରଶ୍ନ

ରାଇଘର, (ମହାଭାରତ) : ରାଇଘର ବ୍ଲକର ଦେବାଗାଁ ପଞ୍ଚାୟତର ଚନ୍ଦ୍ରନଗର ଜଣେ ବେକ୍ତି । ଏକ ସମୟରେ ଯିଏ ଦିନମଜୁରି କରି ନିଜ ପରିବାର ଚଳାଉ ଥିଲେ, ଲୋକଙ୍କ ଘରେ ମୂଳ ଲାଗିଲେ ହିଁ ଚୁଲି ଜଳୁଥିଲା, ସେହି ବ୍ୟକ୍ତି ଆଜି ହଠାତ୍ ଲକ୍ଷପତି ହୋଇ ବୋରଓ୍ୱେଲ ଗାଡ଼ିର ମାଲିକ ହେବାକୁ ନେଇ ଅଞ୍ଚଳରେ ନାନା ଚର୍ଚ୍ଚା ଚାଲିଛି । ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛିଏତେ କମ୍ ସମୟ ମଧ୍ୟରେ ଏତେ ବଡ଼ ସମ୍ପତ୍ତି କେଉଁଠାରୁ ଆସିଲା ? କେଉଁ ବ୍ୟବସାୟ କିମ୍ବା କେଉଁ ଆୟରେ ଏପରି ଅର୍ଥନୈତିକ ପରିବର୍ତ୍ତନ ସମ୍ଭବ ହେଲା ? ଏହି ସବୁ ପ୍ରଶ୍ନକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । କିଛି ଲୋକ ବିଭିନ୍ନ ଅଭିଯୋଗ ଉଠାଇ ଦାବି କରୁଛନ୍ତି ଯେ ଅବୈଧ ଗାଈ ବ୍ୟବସାୟ ସହ ଜଡ଼ିତ ଥିବାରୁ ବହୁ ପରିମାଣର ଧନ ସଂଗ୍ରହ କରାଯାଇଥାଇପାରେ । ତେବେ, ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ପ୍ରମାଣ କିମ୍ବା ସରକାରୀ ପୁଷ୍ଟି ମିଳିନାହିଁ । ଅଞ୍ଚଳର କିଛି ବାସିନ୍ଦାଙ୍କ କହିବା ଅନୁସାରେ, ପୂର୍ବରୁ ଯିଏ ଆର୍ଥିକ ଅସୁବିଧାରେ ଥିଲେ, ସେ ଆଜି ଦାମୀ ଗାଡ଼ି, ଯନ୍ତ୍ରପାତି ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ପ୍ରଦର୍ଶନ କରୁଛନ୍ତି । ଏହା ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଏପରି ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ଦାବି ହେଉଛି, ଯଦି କୌଣସି ଅନିୟମିତତା କିମ୍ବା ବେଆଇନ କାରବାର ସମ୍ପର୍କରେ ଅଭିଯୋଗ ରହିଛି, ତେବେ ସମ୍ପୃକ୍ତ ବିଭାଗ ନିଷ୍ପକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣନ୍ତୁ । ତଦନ୍ତରେ ଯଦି କୌଣସି ବେଆଇନ କାର୍ଯ୍ୟ ପ୍ରମାଣିତ ହୁଏ, ତେବେ ଆଇନ ଅନୁଯାୟୀ ଯଥୋଚିତ ପଦକ୍ଷେପ ନିଆଯାଉ ।

## ଚିଲିଦା ଗ୍ରାମସଭାରେ ଜମି ଏକର ପିଛା ୩୦କୋଟି ଦାବି ଦେଲେ ମେଘା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେବ




ପାଟଣା, (ମହାଭାରତ) : ମେଘା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ପଂଚାୟତ ଅନ୍ତର୍ଗତ ଚିଲିଦା ଠାରେ ସରପଞ୍ଚ ହେମଲତା ନାଏକଙ୍କ ସଭାପତିତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇଛି । ଏହି ଗ୍ରାମସଭା ରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଇଡିକ ଅଧିକାରୀ କୃଷ୍ଣ କିଶୋର ପାତ୍ର, ସମିତି ସଭ୍ୟ ମନୋଜ ମହାନ୍ତଙ୍କ ଉପସ୍ଥିତି ଥିଲେ । ଗ୍ରାମସଭାର ଆଭିମୁଖ୍ୟ ଗ୍ରାମ ମେଘା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ୧୯୫.୩୦୧ ଏକର ଜମି ଯାଉଥିବା ବେଳେ ଗ୍ରାମବାସୀ ମାନେ ଜମି ଏକକ ପିଛା ତିରିଶ କୋଟି ଟଙ୍କା ସହ କମ୍ପାନୀ ଶିକ୍ଷିତ ତାଲିମ ପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି, ବୃଦ୍ଧବୃଦ୍ଧା ମାନଙ୍କୁ ମାସିକ ଭତ୍ତା ପ୍ରଦାନ ସହ ଚିଲିଦା ଗ୍ରାମକୁ ରାସ୍ତା, ପୋଖରୀ, କଲ୍ୟାଣୀ ମଣ୍ଡପ, ଲାଇଟ୍ ଆଧୁନିକ କରଣ କରିବା ସହିତ ମେଘା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କଲେ ଜମି ହରା ମାନଙ୍କୁ ନିଜ ଭିଟା ମାଟିରୁ ସ୍ଥାନାନ୍ତରିତ ନ କରାଯିବ କିମ୍ବା ଗ୍ରାମବାସୀଙ୍କ ପାଖରୁ କମ୍ପାନୀ ନେଉଥିବା ଜମିକୁ ଠିକା ଆକାରରେ ନେବାକୁ ଦାବି କରିଛନ୍ତି । ଏହି ଗ୍ରାମସଭାରେ ଜେଏସବ୍ଲୁ କମ୍ପାନୀକୁ ଗ୍ରାମବାସୀ ମାନେ ଏକ ଲିଖିତ ଦାବି କରିଛନ୍ତି ।

## ମୃତ ଲୋକଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର



ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୁଲେଇ ଗାଁର ଅବସରପ୍ରାପ୍ତ ସୈନିକ ଚୈତନ୍ୟ ପରିଡା ନିଜ ଘର ପାଖ ଗୋପାଳ ସାହି କେନାଲ ପାଖରେ ଥିବା ଏକ ଜାମୁ କୋଳି ଗଛରୁ କୋଳି ତୋଳିବା ପାଇଁ ଗଛରେ ଚଢ଼ିଥିଲେ । ଅସାବଧାନତା କାରଣରୁ ସେ ଗଛରୁ ଖସି ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥଲେ । ସେଠାରେ ଡାକ୍ତର ପ୍ରଥମେ ମୃତ ଘୋଷଣା କରିଥିଲେ । ଏବଂ ପରେ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । ମାତ୍ର ଢେଙ୍କାନାଳରେ ଚୈତନ୍ୟକୁ ମୃତ ଘୋଷଣା କରିଛନ୍ତି ଡାକ୍ତର । ସେପଟେ କାମାକ୍ଷାନଗର ମେଡିକାଲରେ ଡାକ୍ତର ମୃତ ଘୋଷଣା ପରେ ପୁନଶ୍ଚ ଚିକିତ୍ସା ପାଇଁ ପଠେଇବାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ସମାଲୋଚନା କରାଯାଇଛି । ଏ ନେଇ ଏସଡ଼ିଏମଓ (ଝଉଗଡ଼) ଡାକ୍ତର ଦିଗାମ୍ବର ସାହୁ କହିଛନ୍ତି ଯେ, ମୃତ ଘୋଷଣା ପରେ ସେ ଜୀବିତ ଥିବା ନେଇ ପରିବାର ଲୋକ ବାଧ୍ୟ କରିବାରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ତାଙ୍କୁ ରେଫର କରିଛନ୍ତି ।

## ପାଣିମୋରା ଇଥାନଲ ଫ୍ୟାକ୍ଟ୍ରିରେ ପୁଣି ଦୁର୍ଘଟଣା



ସୁବର୍ଣ୍ଣପୁର/ତରଭା: ପାଣିମୋରା ଇଥାନାଲ ଫ୍ୟାକ୍ଟ୍ରିରେ ଏକ ଅଘଟଣ ଘଟିଯାଇଛି। ଜଣେ ୩୫ ବର୍ଷୀୟ ବ୍ୟକ୍ତି ଗ୍ରେନ୍ ସାଇଲୋ ଭିତରେ ପଡ଼ି ମୃତ୍ୟୁବରଣ କରିଥିଲେ। ତରଭା ଥାନା ଅଧିକାରୀ ଡୋଲାମଣି ନାଏକ,ଏସ ଆଇ ପ୍ରସଂଜିତ ବେହେରା ଏବଂ ଏସଡିପିଓ ଘଟଣାସ୍ଥଳ କୁ ଯାଇ ପରିଦର୍ଶନ କରିଥିବାବେଳେ କେସ ନମ୍ବର ୫/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସୂଚନାରୁ ପ୍ରକାଶ ଯେ ଦିନ ୧୧:୩୦ ମିନିଟ୍ ସମୟରେ କାର୍ଯ୍ୟରତ ଥିବା ବେଳେ ଉତ୍ତର ପ୍ରଦେଶର ଆଁଚଲ ରାଜଭର ନାମକ ବ୍ୟକ୍ତି ଗ୍ରେନ ସାଇଲୋ ଭିତରେ ପଡ଼ି ମୃତ୍ୟୁବରଣ କରିଥିଲେ। ମୃତକ ଙ୍କ ଶଳା ଶ୍ୟାମକେସ ରାଜଭର ତରଭା ଥାନାରେ କେସ ରୁଜୁ କରିଥିଲେ।ତରଭା ପୋଲିସ କେସ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।କାରଖାନା ସେଫ୍ଟି ମ୍ୟାନେଜର ଏବଂ ଏଚ ଆର୍ ଫ୍ୟାକ୍ଟ୍ରିକୁ ଯାଇ ପରିଦର୍ଶନ କରି ଆସିଛନ୍ତି।ଇଥାନଲ ଫ୍ୟାକ୍ଟ୍ରି ନିକଟରେ ପାଣିମୋରା ଗ୍ରାମ ଅବସ୍ଥିତ। ଫ୍ୟାକ୍ଟ୍ରି ରୁ ନିର୍ଗତ ହେଉଥିବା ଦୂଷିତ ଜଳ ନିକଟସ୍ଥ ଜଳ ଉତ୍ସରେ ମିଶୁଥିବାରୁ ସେହି ଜଳ କୁ ବ୍ୟବହାର କରୁଥିବା ଗ୍ରାମବାସୀଙ୍କ ଶରୀରରେ ଚର୍ମ ରୋଗ ହେଉଥିବା ଦେଖିବାକୁ ମିଳୁଛି। ଫ୍ୟାକ୍ଟ୍ରିରୁ ନିର୍ଗତ ଦୂଷିତ ଗ୍ୟାସର ଉତ୍କଟ ଗନ୍ଧ ରେ ଲୋକେ ଅତିଷ୍ଠ ହୋଇ ସାରିଲେଣି। ଆଖ ପାଖ ଅଞ୍ଚଳରେ ଥିବା ପ୍ରଜା ଜମି ଶାଗ ଦରରେ କିଣିଥିବା ବେଳେ ସେହି ଜମିକୁ ଲାଗି ଅନେକ ସରକାରୀ ଜମିକୁ ମଧ୍ୟ ଫ୍ୟାକ୍ଟ୍ରି ସହ ମିଶାଇ ଦେଇଥିବା ଅଭିଯୋଗ ହୁଏ। ଫ୍ୟାକ୍ଟ୍ରି ରେ ସ୍ଥାନୀୟ ଲୋକଙ୍କୁ ଚାକିରି ରେ ଅଗ୍ରାଧିକାର ଦେବା ପରିବର୍ତ୍ତେ ଅନ୍ୟ ରାଜ୍ୟର ଲୋକଙ୍କୁ ଏଠି ଥଇଥାନ କରିଥିବା ଅଭିଯୋଗ ହୁଏ। ଯଥା ଶୀଘ୍ର ଜିଲ୍ଲା ପ୍ରଶାସନ ଏ ଉପରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏକ ବଡ଼ ଧରଣର ଜନ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନ ପାରେ।

## ବର୍ଷା ହେଲେ ପାଣି ଜମୁଛି: ସଡ଼କରେ ଚାଲି ହେଉ ନାହିଁ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବଡ ପାଟଣା ପଞ୍ଚାୟତ ଅଧିନସ୍ଥ ବଜାର ରୁ କଲେଜ କୁ ଲମ୍ବି ଥିବା ପକା ସଡ଼କ ଟି କିଛି ବାଟ ଯିବା ପରେ ଗୋଟେ ଖାଲ ସ୍ଥାନ ରହିଥିବା ସାମାନ୍ୟ ବର୍ଷା ହେଲେ ପାଣି ଜମି ରହି ଥାଏ। ସେହି ସଡ଼କ ଦେଇ ଗୋଟେ ଗ୍ରାମ,କଲେଜ,ଶିଶୁ ମନ୍ଦିର,ଜାଭିୟର ସ୍କୁଲ ଥିବା ବେଳେ ଶହଶହ ଗ୍ରାମବାସୀ,ଛାତ୍ରଛାତ୍ରୀ ମାନେ ବେଳେ ପ୍ରତ୍ୟେକ ଦିନ ଯାତାୟତ କରୁ ଛନ୍ତି। ଫଳରେ ସଡ଼କ ଟି ପାଣି ଭରି ରୁହ ଥିବା ବେଳେ ଲୋକ,ଛାତ୍ରଛାତ୍ରୀ ମାନେ ଖସି ପଡୁଥିବା ଦେଖିବାକୁ ମିଳିଛି। ଏନେଇ ଗ୍ରାମବାସୀ ତଥା ଜନସାଧାରଣ, ଅଭିଭାବକ ମାନେ ବ୍ଲକ କିମ୍ବା ପଞ୍ଚାୟତ ପ୍ରସାଶନ ଦୃଷ୍ଟି ଆକର୍ଷଣ କରିବା ସହିତ ସଡ଼କ ମରାମତି ପାଇଁ ଦାବି କରିଛନ୍ତି।



## ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଝରିଗାଁ - ମହାଭାରତ:ଝରିଗାଁ ବ୍ଲକ କୁଟ୍ରି ଛାପର ପଞ୍ଚାୟତ ଅନ୍ତର୍ଗତ କଲେ ଗାଁ (୫ ଟି ) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ଭତରା ଯୋଗ ଦେଇଥିଲେୟ ବନବିଭାଗ ପକ୍ଷରୁ ଚାରା ଓ ବନ ବିଭାଗ କର୍ମଚାରୀ ଙ୍କ ସହାୟତାରେ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବର ଗଛ , ପିପଳ,ଆମ୍ବ ,ପିଜୁଳି ,ନିମ୍ବ , ପଣସ, ଏହି ସବୁ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବିଧାୟକ ମଧ୍ୟ ଏକାଧିକ ଚାରା ରୋପଣ କରିଥିଲେୟ ବିଦ୍ୟାଳୟ ପରିସରକୁ ଫୁଲ ଫଳ ଓ ଔଷଧୀୟ ଗୁଳ୍ମ ଲତା ଆଦି ଲଗାଇ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରାତିକ ପରିସ୍ଥିତିରେ ବିଶ୍ୱ ପରିବେଶ ସ୍ଥିତି ଉତ୍ତପ୍ତ ବାୟୁମଣ୍ଡଳ ପ୍ରଦ୍ୟୁଷଣ କୁ ଦୃଷ୍ଟିରେ ରଖି ବୃକ୍ଷ ରୋପଣ କରିବା ସମସ୍ତଙ୍କ ଏକ ନୈତିକ ଦାୟୀତ୍ୱ ରହିଛ। ତେଣୁ ଲଗାଯାଇଥିବା ଚାରା ଗୁଡିକର ଯତ୍ନ ସୁରକ୍ଷା ଓ ବୃଦ୍ଧି ନିମନ୍ତେ ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ସାମ୍ବାଦିକ ସଂଘ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଝରିଗାଁ ସାମ୍ବାଦିକ ସଂଘ ସଭାପତି ତ୍ରିନାଥ ଧାରୁଆ, ବିଧାୟକ ମିଡ଼ିଆ ସଂଯୋକ ଗିରି ମାଝୀ,ସମେତ ପ୍ରମୁଖ ସାମ୍ବାଦିକ ମଧ୍ୟରେ ମନୋଜ କୁମାର ନାୟକ,କିଶୋର ମଣ୍ଡଳ,,ଭୁଦେବ ଗୌଡ଼ , ଜୟଶ୍ରୀ ଦାସ,ବସନ୍ତ ସାହୁ, ଲକ୍ଷ୍ମୀ ପାଣ୍ଡେ,ସମେତ ଅନ୍ୟମାନଙ୍କ ମଧ୍ୟରେ ରାମଦାସ ଭତରା,କୁଞ୍ଜୀ ମାଝୀ,ମୁରଲୀ ହରିଜନ ବୁଦୁରାମ ଭତରା,ନକୁଳ ଭତରା,ମନୋଜ କୁମାର ବାଘ, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିଜେପି ପାରାଦୀପ ମଣ୍ଡଳ ପକ୍ଷରୁ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ

ପାରାଦୀପ(ମହାଭାରତ): ଭାରତୀୟ ଜନସଂଘର ପ୍ରତିଷ୍ଠାତା ଜନନାୟକ ଡ଼.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାରାଦୀପ୍ ନଗର ବିଜେପି ପକ୍ଷରୁ ଗତ ସୋମବାର ଦିନ ଦଳୀୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ଜାତୀୟତାବାଦ ପ୍ରତି ଡ.ମୁଖାର୍ଜୀଙ୍କ ଉତ୍ସର୍ଗୀକୃତ ଜୀବନ୍ ବିଷୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷ ମନ୍ତ୍ରୀ ଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଶ୍ୟାମପ୍ରକାଶ ମୂଖାର୍ଜୀ ଙ୍କ ଜୀବନ ର ଅସୀମ ତ୍ୟାଗ, ଅବଦାନ ଓ ଆଦର୍ଶକୁ ସ୍ମରଣ କରିବା ସହ ତାଙ୍କ ପ୍ରଦ□ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ରଖିବା ତଥା ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ପାଇଁ କାର୍ଯ୍ୟ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇ ଡ଼.ମୁଖାର୍ଜୀ ଙ୍କ ପ୍ରତି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ ।

## ଏମଭି-୭୯ ଏସ୍ଏଚଜି ମିଟିଂ ହଲ୍ ଜରାଜୀର୍ଣ୍ଣ, ତୁରନ୍ତ ମରାମତି ଦାବି

କାଲିମେଲା(ମହାଭାରତ): ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ସ୍ଥିତ ଏସ୍ଏଚଜି ମିଟିଂ ହଲ୍ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଛାତରୁ ପାଣି ଲିକ୍ ହେବା ସହିତ କଙ୍କ୍ରିଟ୍ ଖସିବା ଭଳି ସ୍ଥିତି ସୃଷ୍ଟି ହେଉଥିବାରୁ ଏହା ଯେକୌଣସି ସମୟରେ ବିପଦଜନକ ରୂପ ନେଇପାରେ ବୋଲି ସ୍ଥାନୀୟବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ପୂର୍ବରୁ ବିଧାୟକ ପାଣ୍ଠିରୁ ଏହି ଗୃହର ମରାମତି ପାଇଁ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇନାହିଁ। ଫଳରେ ବର୍ଷାଦିନେ ଛାତରୁ ପାଣି ପଡ଼ିବାରେ ଗୃହଟିର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେଉଛି। ବଡ଼ ଗଛ ନିକଟରେ ଅବସ୍ଥିତ ଏହି ମିଟିଂ ହଲରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି) ବୈଠକ ବ୍ୟତୀତ ବିଭିନ୍ନ ସାମାଜିକ ଓ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦୁର୍ଗାପୂଜା ସମୟରେ ଭୋଗ ପ୍ରସ୍ତୁତି, ବିଭିନ୍ନ ମେଡିକାଲ୍ କ୍ୟାମ୍ପ, ସଚେତନତା କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସାମୁଦାୟିକ କାର୍ଯ୍ୟ ଏହି ଗୃହରେ ଆୟୋଜିତ ହୋଇଆସୁଛି। କେବଳ ଛାତ ନୁହେଁ, ଗୃହର ଶୌଚାଳୟ, ଝରକା ଓ କବାଟ ମଧ୍ୟ ନଷ୍ଟ ହୋଇପଡ଼ିଛି। ତେଣୁ ସମ୍ପୂର୍ଣ୍ଣ ଗୃହର ଆବଶ୍ୟକୀୟ ମରାମତି ଓ ଶୌଚାଳୟର ନବୀକରଣ କରାଗଲେ ଏହା ପୁଣିଥରେ ଅଞ୍ଚଳବାସୀଙ୍କ ପାଇଁ ଏକ ଉପଯୋଗୀ ସାମୁଦାୟିକ କେନ୍ଦ୍ରରେ ପରିଣତ ହୋଇପାରିବ।

## ପାରଳା ପୋଲିସ ଦ୍ୱାରା ବେଆଇନ ଦେଶୀ ମଦ ଜବତ



ପାରଳାଖେମୁଣ୍ଡି,

ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ତରଫରୁ ବେଆଇନ ଦେଶୀ ମଦ ବିରୋଧରେ ସ୍ୱତନ୍ତ୍ର ଚଢ଼ଉ ଜାରି ରହିଛ। ଏହି ଚଢଉରେ ପାରଳା ପୋଲିସ ରାଣୀପେଣ୍ଠ ଗ୍ରାମ ନିକଟର ଏକ ପୋଲ ତଳୁ ପ୍ରାୟ ୧୨୦ ଲିଟରର ବେଆଇନ ଦେଶୀ ମଦ ଓ ମହୁଲ ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ଜଣାପଡିଛି । ଏଥିସହ ପାରଳା ସହରର ସୁଭାଷ ନଗରରେ ପୋଲିସ ଚଢ଼ଉ କରି ଶ୍ରୀମତୀ ଏମ୍. ସରୋଜିନୀଙ୍କ ଘରର ଆଲମିରା ଓ ରୋଷେଇ ଘରରୁ ୧୧୫ ଲିଟର ବେଆଇନ ଦେଶୀ ମଦ ଜବତ କରିଛନ୍ତି। ଏହି ଦୁଇ ଗୋଟି ଘଟଣାରେ ପାରଳାଖେମୁଣ୍ଡି ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପାରଳା ଥାନା ଆଇଆଇସି ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି।

## ଏକତା ଆଗରେ ହାର ମାନିଲା ସମସ୍ୟା

## କାଲିମେଲା ଗ୍ରାମବାସୀ ନିଜ ଶ୍ରମଦାନରେ ବ୍ରିଜ୍ ନିର୍ମାଣ କଲେ



ମାଲକାନଗିରି(ମହାଭାରତ): ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ମହାରାଜପାଲି ପଞ୍ଚାୟତର ଏମ୍ ପି ଭି ୮୧ ଗ୍ରାମରୁ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି, ଯେଉଁଠାରେ ଗ୍ରାମବାସୀଙ୍କ ଏକତା ସାମ୍ନାରେ ସମସ୍ୟା ହାର ମାନିଛି।ଗ୍ରାମ ମଝିରେ ଏକ କେନାଲ ଯୋଗୁଁ ଗାଁ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ବିଦ୍ୟାଳୟ, ଖେଳପଡ଼ିଆ, ଦୁର୍ଗା ମଣ୍ଡପ ଏବଂ ଅନ୍ୟ ଜନବସତିକୁ ଯିବା ପାଇଁ ଦୁଇ ମୁଣ୍ଡରେ ବ୍ରିଜ୍ ଥିଲେ ମଧ୍ୟ ଲୋକଙ୍କୁ ପ୍ରାୟ ୧ କିଲୋମିଟର ରାସ୍ତା ବୁଲି ଯିବାକୁ ପଡୁଥିଲା। ବିଶେଷ କରି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଏହି ସମସ୍ୟାକୁ ଦୀର୍ଘ ଦିନ ଧରି ସାମ୍ନା କରୁଥିଲେ।ଏହି ଅସୁବିଧାର ସମାଧାନ ପାଇଁ ଗ୍ରାମବାସୀମାନେ ଏକଜୁଟ୍ ହୋଇ ନିଜ ଶ୍ରମଦାନରେ ଏକ ବ୍ରିଜ୍ ନିର୍ମାଣ କରିଥିଲେ। ଆଜି ଏହି ବ୍ରିଜର ଉଦ୍ଘାଟନ କରାଯିବା ପରେ ଗ୍ରାମବାସୀମାନେ ଅତ୍ୟନ୍ତ ଖୁସି ଅଛନ୍ତି।

## ବାଇକ ଦୁର୍ଘଟଣାରେ ଚାଳକ ମୃତ

ଝରିଗାଁ (ମହାଭାରତ):ନବରଙ୍ଗପୁର ଜିଲ୍ଲା ଝରିଗାଁ, ଉମରକୋଟ ଠାରୁ ବଡଟେମେରା ଗ୍ରାମପଂଚାୟତ ଅନ୍ତର୍ଗତ ଜବାଗୁଡା ଗ୍ରାମକୁ ଯାଉଥିବା ବେଳେ ଝରୀଗାଁ ଡାବୁଗାଁ ରାସ୍ତା ନୂତନ କୋର୍ଟ ନିକଟରେ ବାଇକ ଦୁର୍ଘଟଣା ଯୋଗୁଁ ବାଇକ ଚାଳକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ବାଇକ ରେ ଥିବା ଅନ୍ୟ ତିନିଜଣ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ପ୍ରକାରେ ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତ ଅନ୍ତର୍ଗତ ଜବାଗୁଡ଼ା ଗ୍ରାମର ବିକାଶ ସାନ୍ତା ଏବଂ ଫୁଲସିଂ ସାନ୍ତା ଉମରକୋଟ ଯାଇ ସେଠାରୁ ଘରକୁ ଫେରିବା ପାଇଁ କୌଣସି ଗାଡି ମିଳିନଥିଲା ତେଣୁ ତାଙ୍କ ସମ୍ପର୍କୀୟ ଉମରକୋଟ ବ୍ଲକ ସୁନାବେଡ଼ା ଗ୍ରାମର ବଳରାମ ସାନ୍ତା(୪୨) ଏବଂ ଚକ୍ର ସାନ୍ତା ବାଇକ ନମ୍ବର ଓଏ୨୩ଖ ୩୦୧୧ ଯୋଗେ ଜବାଗୁଡ଼ା ଛାଡିବା ପାଇଁ ଯାଉଥିଲେ।ଗୋଟିଏ ବାଇକରେ ଚାରିଜଣ ବସି ଯାଉଥିବା ବେଳେ ସନ୍ଧ୍ୟା ପ୍ରାୟ ୬ ଘଣ୍ଟା ସମୟରେ ନୂତନ କୋର୍ଟ ନିକଟରେ ଥିବା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡ଼ ପିଲାର ରେ ପିଟିହୋଇଯାଇଥିଲେ। ଫଳରେ ରାସ୍ତା କଡରେ ଥିବା ପାଖାପାଖି ଆଠଟି ପିଲାର ଉପାଡି ହୋଇଯାଇଥିଲା, ଚାଳକ ବଳରାମ ର ମୁଣ୍ଡରେ ଗଭୀର ଆଘାତ ଯୋଗୁ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା।ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ ଦୁର୍ଘଟଣା ଦେଖି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ତେବେ କାର୍ଯ୍ୟରତ ଡାକ୍ତର ସୌମ୍ୟ ସ୍ୱାଇଁ ବଳରାମଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ତିନି ଜଣ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡିଛି।

## ସାତପାଟଣା ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ସାତପାଟଣାସ୍ଥିତ ସରକାରୀ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଣୀତ 'ନୂତନ ପରିଚାଳନା କମିଟି ମାର୍ଗଦର୍ଶିକା-୨୦୨୪' ଅନୁଯାୟୀ ବିଦ୍ୟାଳୟର ନୂତନ ବିଦ୍ୟାଳୟ ପରିଚାଳନା କମିଟି (ଝଗଉ) ଗଠନ କରାଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ସିଆରସିସି କସ୍ତୁରୀ ସାହୁ, ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ୪୧ ଜଣ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହିଥିଲେ।ବୈଠକର ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଶ୍ରୀ ସାହୁ ବିଦ୍ୟାଳୟ ପରିଚାଳନା କମିଟି ଗଠନର ଉଦ୍ଦେଶ୍ୟ, ଏହାର ଭୂମିକା, ଦାୟିତ୍ୱ ଏବଂ ଭବିଷ୍ୟତ କାର୍ଯ୍ୟପ୍ୟା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁସରଣ କରି ସର୍ବସମ୍ମତି କ୍ରମେ ଆରତି ପ୍ରଧାନ ପାତ୍ରଙ୍କୁ ନୂତନ ପରିଚାଳନା କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା।

## ରଥଯାତ୍ରା ବାହୁଡ଼ା ଯାତ୍ରା ପାଇଁ ଯାତାୟାତ ପରିଚାଳନା ନେଇ ବସ୍ ମାଲିକ ସଂଘ ସହ ପୋଲିସର ସମନ୍ୱୟ ବୈଠକ

ପୁରୀ:ପବିତ୍ର ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ୨୦୨୬ ଅବସରରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ସୁଗମ, ସୁରକ୍ଷିତ ଓ ଶୃଙ୍ଖଳିତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ବସ୍ ମାଲିକ ସଂଘ ସହ ଏକ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଏସପି ସଚିନ ପଟେଲ, ଟ୍ରାଫିକ୍ ଡିଏସପି ବିଜୟ ରତମ, ଆଇଆଇସି ଟ୍ରାଫିକ୍ ସଙ୍ଗୀତା ଦାଶ, ଆର୍ଟିଓ ପୁରୀ, ଏମ୍ଭିଆଇ ଏବଂ ପୁଲିସ ଓ ପରିବହନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବସ୍ ମାଲିକ ସଂଘର ପଦାଧିକାରୀ ଓ ପ୍ରତିନିଧିମାନେ ମଧ୍ୟ ବୈଠକରେ ଯୋଗଦେଇ ନିଜ ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବୈଠକରେ ନିୟମିତ ବସ୍, ପର୍ଯ୍ୟଟକ ବସ୍ ଏବଂ ଟାଉନ୍ ବସ୍ର ଚଳାଚଳ, ନିର୍ଦ୍ଧାରିତ ରୁଟ୍, ପାର୍କିଂ ବ୍ୟବସ୍ଥା, ଯାତ୍ରୀ ଉଠାଣି ଓ ଓହ୍ଲାଣି ସ୍ଥାନ, ଯାତାୟାତ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଏବଂ ଟ୍ରାଫିକ୍ ଆଡଭାଇଜରୀର ସଠିକ୍ ପାଳନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ସମୟରେ ବିପୁଳ ସଂଖ୍ୟକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସମସ୍ତ ପରିବହନ ସେବାକୁ ସୁଚାରୁ ଓ ସମନ୍ୱିତ ଭାବେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୁରୀ ପୋଲିସ ପକ୍ଷରୁ ବସ୍ ମାଲିକ ସଂଘକୁ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଟ୍ରାଫିକ୍ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା, ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ଏବଂ ଯାତାୟାତ ପରିଚାଳନାରେ ପୁଲିସ ଓ ପରିବହନ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା। ପୁରୀ ପୋଲିସ ସମସ୍ତ ସମ୍ପୃକ୍ତ ବିଭାଗ ଓ ପରିବହନ ସଂଗଠନଙ୍କ ସହ ସମନ୍ୱୟ ରକ୍ଷା କରି ରଥଯାତ୍ରାର ପ୍ରତ୍ୟେକ ପର୍ବକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଭକ୍ତମାନଙ୍କ ପାଇଁ ସୁଗମ କରିବାକୁ ପ୍ରତିବଦ୍ଧ।

## ଗଜପତିରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ପାରଳାଖେମୁଣ୍ଡି: ଗଜପତି ଜିଲ୍ଲାର ଗୋଷାଣି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ବ୍ଲକ କାର୍ଯ୍ୟାଳୟର ବରିଷ୍ଠକିରାଣି ରାଜେଶ କୁମାର ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ବିକାଶ ଘଟାଇବା ଏହି ଶିବିରରେ ମୁଖ୍ୟ ଲକ୍ଷ୍ୟ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ । ଏହି ଶିବିରରେ ପ୍ରାୟ ୯୪ ଜଣଙ୍କ ପଞ୍ଜୀକୃତ ହୋଇଥିବା ବେଳେ ଯୋଗଦେଇଥିବା ବେଳେ ଅସ୍ଥିଶଲ୍ୟ ସମସ୍ୟାରେ ୫୩ ଜଣ, ମାନସିକ ସମସ୍ୟାରେ ୧୧ଜଣ, ନଶୁଭିବା ସମସ୍ୟାରେ ୨୨ ଜଣ, ଚକ୍ଷୁ ସମସ୍ୟାରେ ୮ ଜଣ ଚିହ୍ନଟ ହୋଇଥିଲେ। ଏହି ଅବସରରେ ୩ ଜଣଙ୍କୁ ଡିଆରଆଇ ଋଣ ଏବଂ ୯ ଜଣଙ୍କୁ ବସ ରିହାତି ଜନିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ୨୨ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିବା ଲାଗି ଚିହ୍ନଟ ହୋଇଛନ୍ତି।

## ପ୍ରଭାତୀ ପରିଡ଼ାଙ୍କୁ ସିଡବ୍ଲୁସିର ସ୍ୱାଗତ ସମ୍ବର୍ଦ୍ଧନା

## ଶିଶୁମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ




ସମ୍ବଲପୁର,:ଆଜି ଜିଲ୍ଲାପାଳ କକ୍ଷ ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସିଡବ୍ଲୁସିର ନବ ମନୋନୀତ ସଦସ୍ୟ ସଦସ୍ୟା ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ,ଅବହେଳିତ ଓ ଶିକ୍ଷା ସୁରକ୍ଷା ଯତ୍ନ ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟଯେ ଗତ ମାର୍ଚ୍ଚ ମାସ ୧୨ ତାରିଖ ଦିନ କବିତା ପଣ୍ଡା (ଅଧ୍ୟକ୍ଷା)ଜ୍ୟୋତି ଶତପଥୀ, ଗାର୍ଗୀ ପଣ୍ଡା, ଡ଼ା. ରାଜାରାମ ଷଡ଼ଙ୍ଗୀ ଓ ଦିଲ୍ଲୀପ ମୁଖି ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟା ସଦସ୍ୟ ଭାବେ ନୂତନ କାର୍ଯ୍ୟାଭାର ଗ୍ରହଣ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଡିସିପିଓ ଶୁଚିସ୍ମିତା ପଟ୍ଟନାୟକ, ସାଂସଦ ପ୍ରତିନିଧି ନାଉରୀ ନାଏକ, ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ ବିଜେପି ନେତ୍ରୀ ସବିତା ନନ୍ଦ ପ୍ରମୁଖ ବହୁ ଅଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବିଧାୟକଙ୍କ ହସ୍ତକ୍ଷେପ ଫଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟର ନବୀକରଣ ଆରମ୍ଭ

ରାଉରକେଲା,: ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଥିବା ଇସ୍ପାତ ସହରାଞ୍ଚଳର ସେକ୍ଟର-୨ ସ୍ଥିତ ସରକାରୀ ବସଷ୍ଟାଣ୍ଡ ଠାରେ ଦୀର୍ଘ ୩୦ବର୍ଷ ତଳେ ସର୍ବସାଧାରଣଙ୍କ ବ୍ୟବହାର ନିମିତ୍ତ ନିର୍ମାଣ ହୋଇଥିବା ଏକ ଶୌଚାଳୟଟି ନିୟମିତ ରକ୍ଷଣାବେକକ୍ଷଣା ଅଭାବ କାରଣରୁ ଦୟନିୟ ଅବସ୍ଥାରେ ଥିଲା। ଶୌଚାଳୟଟିର ରକ୍ଷଣା ବେକ୍ଷଣା ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇବା ସତ୍ତ୍ୱେ ଶୌଚାଳୟର ପୁନରୁଦ୍ଧାର ପାଇଁ ଆର ଏସ ପି ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନାହିଁ ।ଶେଷରେ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ହସ୍ତକ୍ଷେପ ଏବଂ ପରାମର୍ଶ କ୍ରମେ ରାଜ୍ୟ ସରକାର ମିଲାଦ ଯୋଜନାରେ ପରିତ୍ୟକ୍ତ ହୋଇ ପଡ଼ିଥିବା ଉକ୍ତ ଶୌଚାଳୟଟିକୁ ନବୀକରଣ ପାଇଁ ୬ଲକ୍ଷ ଟଙ୍କା ଅନୁଦାନ ଦେବାପରେ ଶୌଚାଳୟଟିର ନବୀକରଣ କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି ।

## ଅଲାରନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୋଲିସର ବ୍ୟାପକ ସୁରକ୍ଷା

ପୁରୀ,:ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନସର ନୀତି ଚାଲିଥିବା ସମୟରେ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥ ମନ୍ଦିରରେ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନ ସହିତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀ ଅଲାରନାଥ ପ୍ରଭୁଙ୍କ ଦର୍ଶନ କରି ଆଧାତ୍ମିକ ଆନନ୍ଦ ଲାଭ କରୁଛନ୍ତି। ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଓ ଶୃଙ୍ଖଳିତ ଦର୍ଶନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିସର, ଧାଡ଼ି ଦର୍ଶନ, ପାର୍କିଂ ସ୍ଥଳ, ପ୍ରମୁଖ ରାସ୍ତା, ଯାତାୟାତ ପଏଣ୍ଟ ଏବଂ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟାରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଭିଡ଼ ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, ମହିଳା ଓ ବୃଦ୍ଧ ଭକ୍ତଙ୍କ ସହାୟତା, ଜରୁରୀକାଳୀନ ସେବା ଏବଂ ସୁରକ୍ଷା ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଚେକ୍ ବାଉନ୍ସ ମାମଲା, ପୁଣି ଜେଲ ଯିବେ ରାଜପାଲ ଯାଦବ

ନୂଆଦିଲ୍ଲୀ : ଚେକ୍ ବାଉନ୍ସ ମାମଲାରେ ପୁଣି ଅଡୁଆରେ ଅଭିନେତା ରାଜପାଲ ଯାଦବ । ଅଭିନେତା ରାଜପାଲଙ୍କୁ ୩ ମାସ ଜେଲ ଯିବାକୁ ପଡ଼ିବ । ଦିଲ୍ଲୀ ହାଇକୋର୍ଟ ଦଣ୍ଡାଦେଶ କାଏମ ରଖିଛନ୍ତି । ଟଙ୍କା ଫେରସ୍ତ ପାଇଁ ଅଧିକ ସମୟ ଆବେଦନ ଖାରଜ କରିଥିଲେ । ପୁଣି ଜେଲ ଯିବେ ଅଭିନେତା ରାଜପାଲ ଯାଦବ । ଚେକ୍ ବାଉନ୍ସ ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଝଟ୍କା । ତଳକୋର୍ଟଙ୍କ ରାୟକୁ ବଜାୟ ରଖିଲେ ହାଇକୋର୍ଟ । ଦିଲ୍ଲୀ ହାଇକୋର୍ଟ ବଲିଉଡ ଅଭିନେତା ରାଜପାଲ ଯାଦବଙ୍କୁ ଚେକ୍ ବାଉନ୍ସ ମାମଲାରେ ଦୋଷୀ କରିଛନ୍ତି । ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ବେଞ୍ଚ ଅଭିନେତା ରାଜପାଲ ଯାଦବ ଦ୍ୱାରା ନିମ୍ନ ଅଦାଲତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଯାଚିକା ଖାରଜ କରି ଦୋଷୀ କାୟମ ରଖିଛନ୍ତି । ଦିଲ୍ଲୀ ହାଇକୋର୍ଟଅଭିନେତା ରାଜପାଲ ଯାଦବଙ୍କୁ ଚେକ୍ ବାଉନ୍ସ ସମସ୍ତ ମାମଲାରେ ୩ ମାସର ସାଧାରଣ ସଜା ଶୁଣାଇଛନ୍ତି । ଏହାସହିତ କୋର୍ଟ ଆଦେଶ ଦେଇଛନ୍ତି କି, ସମସ୍ତ ଦଣ୍ଡାଦେଶ ଏକାସାଙ୍ଗରେ ଚାଲୁ ରହିବ ।ତେଣୁ ତାଙ୍କୁ ୩ ମାସ ଯାଏଁ ଦଣ୍ଡାଦେଶ ଭୋଗିବାକୁ ହେବ । ଏହାସହିତ ଅଦାଲତା ପ୍ରତି ମାମଲା ପାଇଁ ୧.୦୫ କୋଟି ଟଙ୍କା ଜରିମାନା ଲଗାଇଛନ୍ତି । ତେଣୁ ତାଙ୍କୁ ସବୁ ମାମଲା ପାଇଁ ମୋଟ୍ ୭.୩୫ କୋଟି ଟଙ୍କା ଜରିମାନା ଦେବାକୁ ହେବ ।

## ଜୋତା ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ, ୨୮ ମୃତ



ଚୀନ୍ : ଚୀନର ଜିନଜୟାଙ୍ଗ ସହରରେ ଥିବା ଏକ ଜୋତା ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡ ଯୋଗୁଁ ୨୮ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ହେଲେ ଏପର୍ଯ୍ୟନ୍ତ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ସୂଚନାନୁଯାୟୀ, ଗୁରୁବାର ରାତି ପ୍ରାୟ ୧୨ଟାରେ ଜୋତା ଫ୍ୟାକ୍ଟ୍ରିର ପ୍ରଥମ ମହଲାରେ ନିଆଁ ଲାଗିଥିଲା । ଅଗ୍ନିକାଣ୍ଡ ଶୀଘ୍ର ୫ମହଲା ବିଶିଷ୍ଟ କୋଠାକୁ ବ୍ୟାପିଯାଇଥିଲା । ଅଗ୍ନିକାଣ୍ଡ ସମୟରେ ଫ୍ୟାକ୍ଟ୍ରିରେ ପ୍ରାୟ ୨୩୭ ଜଣ ଲୋକ କାମ କରୁଥିଲେ । ଯେଉଁମାନଙ୍କ ମଧ୍ୟରେ ୨ ଜଣ ପରିଦର୍ଶକ ଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେମାନେ ୨୧୩ ଜଣଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ୨୮ଜଣଙ୍କର ମୃତ୍ୟୁ ହୋଇଥିଲା । ଦୀର୍ଘ ୪ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା । ଏଥିସହ ପୋଲିସ ଫ୍ୟାକ୍ଟ୍ରିର ମାଲିକଙ୍କୁ ଗିରଫ କରିବା ସମେତ କମ୍ପାନୀର ଆକାଉଣ୍ଟକୁ ଫ୍ରିଜ୍ କରିଦିଆଯାଇଛି । ଅନ୍ୟପଟେ ଅଗ୍ନିକାଣ୍ଡ ପରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ତଦାରଖ କରିବା ପାଇଁ ଜିନଜିଆଙ୍ଗ ସହରକୁ ଏକ ମିଳିତ ଦଳ ପଠାଯାଇଛି ବୋଲି ଚୀନର ଜରୁରୀକାଳୀନ ପରିଚାଳନା ମନ୍ତ୍ରଣାଳୟ କହିଛି ।

## ବିଦେଶୀ ଗ୍ୟାଙ୍ଗଷ୍ଟରର ୪ ସୁଟର ନିହତ, ୩ ପୋଲିସ କର୍ମଚାରୀ ଆହତ

ଗୁରୁଗ୍ରାମ : ହରିୟାଣା ଗୁରୁଗ୍ରାମରେ ମଧ୍ୟରାତ୍ରିରେ ଏନକାଉଣ୍ଟର । ବିଦେଶୀ ଗ୍ୟାଙ୍ଗଷ୍ଟରର ୪ ସୁଟର ନିହତ । ଧୂଳି ଚଟାଇଲା ପୋଲିସ କ୍ରାଇମବ୍ରାଞ୍ଚ । ବିଳମ୍ବିତ ରାତିରେ ଗୁରୁଗ୍ରାମ ପୋଲିସ କ୍ରାଇମବ୍ରାଞ୍ଚ ଏବଂ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଭୟଙ୍କର ଗୁଳିବିନିମୟରେ ବିଦେଶରେ ଲୁଚି ରହିଥିବା ଗ୍ୟାଙ୍ଗଷ୍ଟର ଦୀପକ ନାନ୍ଦଲର ୪ ଜଣ ଦୁର୍ଦ୍ଧାନ୍ତ ସୁଟର ନିହତ ହୋଇଛନ୍ତି । ଏହି ମଧ୍ୟରାତ୍ରି ଅପରେସନରେ ଜଣେ ଅପରାଧୀ ଗୁରୁତର ଆହତ ହୋଇଥିବା ବେଳେ ୩ ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଗୁରୁଗ୍ରାମର ସୁଶାନ୍ତ ଲୋକ ଫେଜ୍-୨ ଅଞ୍ଚଳରେ ରହୁଥିବା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ । ଏସଜିଟି ୟୁନିଭରସିଟି ପ୍ରତିଷ୍ଠାତାଙ୍କ ପୁଅ ତଥା ପ୍ରପର୍ଟି ଡିଲରଙ୍କ ଉପରେ ଏହି ଆକ୍ରମଣ ହୋଇଥିଲା । ବ୍ୟବସାୟୀଙ୍କଠାରୁ ୧ କୋଟି ଟଙ୍କାର ବଟି ଦାବି କରି ସୁଟରମାନେ ଏକ ମହିନ୍ଦ୍ରା ସ୍କର୍ପିଓ ଗାଡ଼ିରେ ଆସି ତାଙ୍କ ଘର ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ । ପୋଲିସ ପହଞ୍ଚିବା ପୂର୍ବରୁ ସେମାନେ ବ୍ୟବସାୟୀଙ୍କୁ କିଛି ସମୟ ପାଇଁ ବନ୍ଧକ ରଖିଥିଲେ । ପୋଲିସ କଣ୍ଟ୍ରୋଲ ରୁମ୍‌କୁ ସନ୍ଦିଗ୍ଧ ଗତିବିଧି ନେଇ ଖବର ମିଳିବା ମାତ୍ରେ ଗୁରୁଗ୍ରାମ ପୋଲିସ କ୍ରାଇମବ୍ରାଞ୍ଚର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସକୁ ଦେଖି ଅପରାଧୀମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ଗୁଳି ବର୍ଷଣ କରିଥିଲେ । ପୋଲିସ ନିଜ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲା, ଯେଉଁଥିରେ ୪ ଜଣ ସୁଟରଙ୍କ ମୃତ୍ୟୁ ଘଟିଥିଲା । ମ୍ୟୁଜିକ୍ ପ୍ରଡ୍ୟୁସରରୁ ଗ୍ୟାଙ୍ଗଷ୍ଟର ବନିଥିବା ଦୀପକ ନାନ୍ଦଲ ବର୍ତ୍ତମାନ ବିଦେଶରେ ରହି ନିଜର କଳା ସାମ୍ରାଜ୍ୟ ଚଳାଉଛି । ଗୁରୁଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ବିଲ୍ଡର, ଗାୟକ ଏବଂ ବ୍ୟବସାୟୀଙ୍କୁ ଟାର୍ଗେଟ୍ କରି ବଟି ଆଦାୟ କରିବା ଏବଂ ଗୁଳିକାଣ୍ଡ ଭିଆଇବା ତା' ଗ୍ୟାଙ୍ଗର ମୁଖ୍ୟ କାମ । ପୋଲିସ ଘଟଣାସ୍ଥଳରୁ ବେଆଇନ ମାରଣାସ୍ତ୍ର ଓ ବ୍ୟବହୃତ ଗାଡ଼ି ଜବତ କରିଛି । ହରିୟାଣା ପୋଲିସ ଏହି ଗ୍ୟାଙ୍ଗର ନେଟୱର୍କକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପାଇଁ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ।

## ମସଜିଦ୍ କାନ୍ଥ ଭୁଷୁଡି ୩ ମୃତ ଓ ୩ ଆହତ

ବୁଲନ୍ଦସହର : ପ୍ରବଳ ବର୍ଷା ଯୋଗୁଁ ବୁଲନ୍ଦସହରର ମୁଣ୍ଡାଖେଡା ଅଞ୍ଚଳରେ ମସଜିଦର କାନ୍ଥ ଭୁଶୁଡି ପଡ଼ି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୬ ଜଣ ଲୋକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଜଣାପଡିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଧିକାରୀଙ୍କ ଅନୁଯାୟୀ, ପୋଲିସ, ଏନଡିଆରଏଫ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ସ୍ଥାନୀୟ ଲୋକମାନେ ମଧ୍ୟ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ।

ସୂଚନାନୁଯାୟୀ, ୬ଜଣଙ୍କ ମଧ୍ୟରୁ ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ୪ ଜଣ ଆହତଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହାରି ମଧ୍ୟରେ ଜଣେ ମହିଳାଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା । ଫଳରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି ।

# ରାମ ମନ୍ଦିରରୁ ଚୋରି ଦାନଅର୍ଥ ଷ୍ଟକ୍ ମାର୍କେଟରେ ହୋଇଛି ନିବେଶ, ୩୦ ଟି ବ୍ୟାଙ୍କ ଆକାଉଣ୍ଟ ଜବତ



ନୂଆଦିଲ୍ଲୀ : ରାମ ମନ୍ଦିରରୁ ଚୋରି ଦାନଅର୍ଥ ଷ୍ଟକ୍ ମାର୍କେଟରେ ନିବେଶ, ୩୦ଟି ବ୍ୟାଙ୍କ ଆକାଉଣ୍ଟ ଜବତ। ରାମ ମନ୍ଦିର ଦାନ ପାଣ୍ଠିର ଆତ୍ମସାତ୍ ? ଘଟଣାର ତଦନ୍ତ ପରିସର ବୃଦ୍ଧି ପାଇଛି । ତଦନ୍ତକାରୀମାନେ ଅଭିଯୁକ୍ତଙ୍କ ଦ୍ୱାରା ଚୋରି ହୋଇଥିବା ଟଙ୍କାର ଏକ ଅଂଶ ଷ୍ଟକ୍ ମାର୍କେଟ ଓ ଅନ୍ୟାନ୍ୟ ଆର୍ଥିକ କାରବାରରେ ନିବେଶ କରାଯାଇଥିବା ଜାଣିବାକୁ ପାଇଛନ୍ତି। ଦାନଅର୍ଥକୁ କେବଳ ଲୁଚାଇବା ପାଇଁ ନୁହେଁ, ଲାଭ ପାଇବା ପାଇଁ ମଧ୍ୟ ବ୍ୟବହାର କରାଯାଉଥିଲା। ଅଯୋଧ୍ୟା ପୁଲିସ ଅଭିଯୁକ୍ତର ଘର ପୁଣି ଚଡ଼ାଉ କରିବା ସହିତ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ପୁଲିସ ଅଭିଯୁକ୍ତ ଅନୁକଳ୍ପ ମିଶ୍ରଙ୍କୁ ତା' ଘରକୁ ନେଇଥିଲା। ଘର ତଲାସି କରିବା ସହିତ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲା। ଜେରା ବେଳେ ଅନୁକଳ୍ପ ମିଶ୍ର କହିଥିଲା ଯେ, ସେ ଓ ଅବିନାଶ ଶୁକ୍ଲା ଚୋରି ଟଙ୍କାକୁ ଷ୍ଟକ ମାର୍କେଟରେ ନିବେଶ ପାଇଁ ବ୍ୟବହାର କରିଥିଲେ। ସେମାନେ ଚୋରି ଦାନଅର୍ଥକୁ ସୁଧରେ ଦେଉଥିଲେ ଓ ଟଙ୍କା ନିଜ ଆକାଉଣ୍ଟକୁ ଫେରାଇବା ପୂର୍ବରୁ ସେମାନଙ୍କ ସମ୍ପର୍କୀୟ ଏବଂ ନିକଟ ବନ୍ଧୁମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରୁଥିଲେ। ୩ ଅଭିଯୁକ୍ତଙ୍କୁ ପୁଲିସ ୪୦ ଘଣ୍ଟା ପାଇଁ ରିମାଣ୍ଡରେ ନେଇଛି। ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ପଚରାଉଚରା ସହିତ ସମସ୍ତ ବ୍ୟାଙ୍କ କାଗଜପତ୍ର, ଇଲେକ୍ଟ୍ରୋନିକ୍ସ ଉପକରଣ, ନିବେଶ ରେକର୍ଡ ପ୍ରଭୃତି ଯାଞ୍ଚ କରିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ତଦନ୍ତକାରୀ ଅଭିଯୁକ୍ତ ଓ ସେମାନଙ୍କ ସମ୍ପର୍କୀୟଙ୍କ ୩୦ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରିଛି। ସେପଟେ ଅଯୋଧ୍ୟା ରାମ ମନ୍ଦିର ଦାନଅର୍ଥ ଲକର ଚାବି ଟିନୁ ଯାଦବଙ୍କୁ କିଏ ଦେଇଥିଲା ? ଏସଆଇଟି ତଦନ୍ତ ବେଳେ ଏହି ପ୍ରଶ୍ନ ଉଠାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଟିନୁ ଯାଦବ ବେଆଇନ ଭାବେ ନିଜ ପୁତୁରା ମନୀଷ ଯାଦବଙ୍କୁ ମନ୍ଦିର ଟ୍ରଷ୍ଟ କାମରେ ସାମିଲ କରିଥିଲା। ପୂର୍ବତନ ଟ୍ରଷ୍ଟି ଅନୀଲ ମିଶ୍ର ଦାନଗଣନା ପ୍ରକ୍ରିୟାର ତଦାରଖରେ କାହିଁକି ସୁରକ୍ଷିତ ଉପାୟ ଗ୍ରହଣ କରିନଥିଲେ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଅନୀଲ ମିଶ୍ର ଗ୍ଲୁକୋମାରେ ପୀଡ଼ିତ। କୋଷାଧ୍ୟକ୍ଷ ଗୋବିନ୍ଦ ଗିରିଙ୍କ ସମେତ ଆୟୋଜନ ସମିତି ଏ କଥା ଜାଣି ମଧ୍ୟ ତାଙ୍କୁ ଏପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ କିପରି ଦେଇଥିଲେ ବୋଲି ପ୍ରଶ୍ନ କରିଛି ଏସଆଇଟି। ଅଡିଟରଙ୍କ ରିପୋର୍ଟ ସତ୍ତ୍ୱେ ସେ ମନିଟରିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିନଥିଲେ। ଏହା ମଧ୍ୟରେ ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର ଓ କରଣେଶ ପାଣ୍ଡେ ସ୍ୱୀକାର କରିଛନ୍ତି ଯେ ଦାନ ଗଣନା କାଳରେ ସେମାନେ ଚୋରାଉଥିବା ଅର୍ଥ ଲକ୍ଷ୍ନୌ-ଗୋରଖପୁର ଜାତୀୟ ରାଜପଥରେଥିବା ଭିଖାପୁର ନିକଟସ୍ଥ ଏକ ବଗିଚାରେ ବଣ୍ଟାକୁଣ୍ଟା କରୁଥିଲେ। ତିନି ଅଭିଯୁକ୍ତଙ୍କୁ ପ୍ରଥମେ ପୃଥକ ପୃଥକ ପଚରା ଉଚରା କରାଯାଇଥିଲା ଓ ପରେ ସେମାନଙ୍କୁ ସାମ୍ନାସାମ୍ନି ବସାଇ ପଚରା ଉଚରା କରାଯାଇଛି। ଏସବୁ ନେଇ ଏସଆଇଟି ତନାଘନା କରୁଛି।

## ଇଂଲଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ଆଣ୍ଡି ବର୍ନହାମ

ଇଂଲଣ୍ଡ : ଆଣ୍ଡି ବର୍ନହାମ୍ ହୋଇପାରନ୍ତି ଇଂଲଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ । ଲେବର ପାର୍ଟିର ପରବର୍ତ୍ତୀ ନେତା ଏବଂ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ହେବା ପାଇଁ ଆଣ୍ଡି ବର୍ନହାମ ଆଉ ଏକ ପାଦ ଆଗକୁ ବଢ଼ିଛନ୍ତି । ଅଧିକାଂଶ ଲେବର ପାର୍ଟି ସାଂସଦ ତାଙ୍କୁ ଦଳୀୟ ନେତୃତ୍ୱ ପାଇଁ ସମର୍ଥନ କରିଥିବା ସୂଚନା ମିଳିଛି । ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ୩୧୨ ଜଣ ଲେବର ପାର୍ଟି ସାଂସଦ ବର୍ନହାମଙ୍କୁ ସମର୍ଥନ ଜଣାଇଛନ୍ତି । ସେ ବର୍ତ୍ତମାନ ଏହି ପଦବି ପାଇଁ ତାଙ୍କର ପ୍ରାର୍ଥିତ୍ୱ ଘୋଷଣା କରିଥିବା ଏକମାତ୍ର ନେତା । ଅନ୍ୟ କୌଣସି ପ୍ରାର୍ଥୀ ନିର୍ବାଚନ ମଇଦାନକୁ ନଆସିଲେ ବର୍ନହାମଙ୍କୁ ଆସନ୍ତା ସପ୍ତାହରେ ଲେବର ପାର୍ଟିର ନେତା ଘୋଷଣା କରାଯିବ । ତା'ପରେ ସେ ଜୁଲାଇ ୨୦ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବେ । ଗ୍ରେଟର ମାଞ୍ଚେଷ୍ଟରର ପୂର୍ବତନ ମେୟର ବର୍ନହାମଙ୍କ ପାଇଁ ଏହା ଏକ ଅସାଧାରଣ ଯାତ୍ରା ହେବ । ସେ କିଛି ସପ୍ତାହ ପୂର୍ବରୁ ମେକରଫିଲ୍ଡ ଉପନିର୍ବାଚନରେ ବିଜୟୀ ହୋଇଥିଲେ । ଏକ ବିବୃତିରେ ବର୍ନହାମ କହିଛନ୍ତି, ତାଙ୍କୁ ଦଳୀୟ ନେତା ପାଇଁ ମନୋନୀତ କରିଥିବା ଲେବର ପାର୍ଟି ସାଂସଦଙ୍କ ପ୍ରତି ସେ କୃତଜ୍ଞ ।

# ଥାଲାପତି ବିଜୟଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି, କରୁର ପୀଡିତଙ୍କ ପରିବାରକୁ ବାଣ୍ଟିବେ ସରକାରୀ ନିଯୁକ୍ତି ପତ୍ର




ତାମିଲନାଡୁ : ତାମିଲନାଡୁର ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ମାଡ୍ରାସ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ତାଙ୍କୁ କରୁର ପୀଡିତଙ୍କ ପରିବାର ଲୋକଙ୍କୁ ସରକାରୀ ନିଯୁକ୍ତି ପତ୍ର ବାଣ୍ଟିବାର ଅନୁମତି ପ୍ରଦାନ କରିଛନ୍ତି । ସିଏମ୍ ବିଜୟ ଆଜି ହିଁ କରୁର ଯିବେ । ହାଇକୋର୍ଟ କହିଛନ୍ତି, ଏହି ଚାକିରି ଅସ୍ଥାୟୀ ରହିବ ଓ ଏହା ଉପରେ ଆଗକୁ ବିଚାର କରାଯିବ । ଜଷ୍ଟିସ ସିଭି କାର୍ତ୍ତିକେୟନ୍ ଓ ଜଷ୍ଟିସ୍ ଆର ଶକ୍ତି ଭେଲଙ୍କ ଖଣ୍ଡପୀଠ କହିଛନ୍ତି, ଯେଉଁ ପର୍ଯ୍ୟନ୍ତ ମାମଲାର ଶୁଣାଣି ହୋଇନି, ସେ ପର୍ଯ୍ୟନ୍ତ ଲୋକଙ୍କୁ ବେତନ ମିଳିବନି । କୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି ଯେ, ପ୍ରସ୍ତାବିତ ନିଯୁକ୍ତିକୁ ନେଇ ଏକ ରିପୋର୍ଟ ଫାଇଲ୍ କରାଯାଉ । ଗତ ବର୍ଷ ହୋଇଥିବା ଦଳାଚକଟା ଘଟଣାରେ ଅତି କମରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା । ଏମାନଙ୍କ ଭିତରୁ ୩୨ ଜଣଙ୍କ ପରିବାରକୁ ସିଏମ୍ ବିଜୟ ନିଯୁକ୍ତିପତ୍ର ବାଣ୍ଟିବେ । ୨୭ ସେପ୍ଟେମ୍ବର ୨୦୨୫ ରେ ତାମିଲଗା ଭେଟ୍ରି କାଝାଗମ୍ (ଟିଭିକେ)ର ଏକ ରାଲି ବେଳେ ହୋଇଥିବା ଦଳାଚକଟା ଘଟଣାରେ ୪୧ ଜଣଙ୍କର ମୃତ୍ୟୁ ହାଇଥିଲା । ଏବେ ପରିବାର ଲୋକଙ୍କୁ ସାକ୍ଷାତ କରି ତାଙ୍କୁ ସ୍ୱାନ୍ତନା ଦେବେ । ଏହା ପୂର୍ବରୁ ବିଜୟ ପୀଡିତଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେଇ ସାରିଛନ୍ତି । ପୀଡିତ ପରିବାରଙ୍କୁ ସିଏମ୍ ବିଜୟ ସାକ୍ଷାତ କରିବେ ଓ ତାଙ୍କୁ ଅନୁକମ୍ପା ଆଧାରରେ ସରକାରୀ ଚାକିରି ନିଯୁକ୍ତି ପତ୍ର ପ୍ରଦାନ କରିବେ । ସରକାରଙ୍କୁ ବାହାରେ ସମର୍ଥନ ଦେଉଥିବା ବାମପନ୍ଥୀ ଦଳ ପୀଡିତାଙ୍କୁ ସରକାରୀ ଚାକିରୀ ଦେବାର ଏହି ନିଷ୍ପତ୍ତିକୁ କଡା ବିରୋଧ କରିଛି ।

## କରୋନାରେ ପୁଣି ଚାଲିଗଲା ୨ ଜୀବନ, ୪ ସଂକ୍ରମିତ ଚିହ୍ନଟ

ଆନ୍ଧ୍ରପ୍ରଦେଶ : ଦେଶକୁ ପୁଣି କରୋନା ଭୟ ଘାରିଛି । ଆନ୍ଧ୍ରପ୍ରଦେଶର କଡପ୍ପାରେ ବୁଧବାର ଜଣେ ୪୬ ବର୍ଷୀୟ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଘଟିଛି । ତାଙ୍କୁ ଗତମାସରେ ଭେଲ୍ଲୋରର ସିଏମ୍ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିଲା । ୪ ଦିନ ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ସହିତ ଅନ୍ୟ ୪ ଜଣ ମଧ୍ୟ କୋଭିଡ ପଜିଟିଭ ସଂକ୍ରମିତ ହୋଇଛନ୍ତି । ତାଙ୍କ ଫୁସ୍ଫୁସ୍ ଖରାପ ହୋଇଯାଇଥିଲା ଏବଂ ସେ ନିମୋନିଆର ଶିକାର ହୋଇଥିଲେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି । ତାଙ୍କୁ କଣ୍ଟେନମେଣ୍ଟ ଜୋନରେ ରଖାଯାଇଥିଲା । ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଟ୍ରେସ୍ କରାଯାଉଛି । ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ କରାଯାଇଛି । କରୋନାରେ ଜଣଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିବା ପରେ କଡପ୍ପା ଏବଂ ତିରୁପତି ଜିଲ୍ଲାରେ ଆଉ ୪ ଜଣ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ମେଡିକାଲ ଏଜୁକେସନ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଆଇସୋଲେସନ ବେଡ୍, ଆଇସିୟୁ ବେଡ୍, ଅକ୍ସିଜେନ, ଭେଣ୍ଟିଲେଟର, ଔଷଧ, ରାପିଡ ଟେଷ୍ଟ କିଟ୍, ଆମ୍ବୁଲାନ୍ସ ଏବଂ ମେଡିକାଲ ଷ୍ଟାଫଙ୍କ ଉପଲବ୍ଧତାର ତଥ୍ୟ ମାଗିଛନ୍ତି । ତେବେ ସିଏମସି ଭେଲ୍ଲୋରରେ ଯେଉଁ ରୋଗୀଙ୍କ ଜୀବନ ଯାଇଥିଲା ତାଙ୍କର ମଧୁମେହ, କିଡନୀ ଏବଂ ଅନ୍ୟ ଗୁରୁତର ରୋଗ ରହିଥିଲା । ୬୦ ବର୍ଷୀୟ ଜଣେ ବୃଦ୍ଧଙ୍କ ଜୀବନ ଚିକିତ୍ସା ସମୟରେ ଚାଲିଯାଇଥିଲା । ଏହାପୂର୍ବରୁ ତାଙ୍କୁ ତିରୁପତିର ସିଭିଆଇଏମଏସରେ ଭର୍ତ୍ତି କରାଯାଇଥିଲା । ଏହାପରେ ସିଏମସି ଭେଲ୍ଲୋରକୁ ସିଫ୍ଟ କରାଯାଇଥିଲା । ତାଙ୍କର ଆରଟିପିସିଆର ଟେଷ୍ଟରେ କୋଭିଡ-୧୯ ପଜିଟିଭ ସଂକ୍ରମଣ ଚିହ୍ନଟ ହୋଇଥିଲେ । ଅନ୍ୟ ଏକ ମାମଲାରେ ଜଣେ ୪୩ ବର୍ଷୀୟ ବ୍ୟକ୍ତିଙ୍କ କୋଭିଡ ସଂକ୍ରମଣ ଯୋଗୁଁ ଜୀବନ ଯାଇଥିଲା । ଭାରତରେ ସରକାରୀ ତଥ୍ୟ ଅନୁସାରେ, ୨୦୨୨ ଶେଷ ସୁଦ୍ଧା ପ୍ରାୟ ୫.୩ଲକ୍ଷ କରୋନା ମୃତ୍ୟୁ ରେକର୍ଡ ହୋଇଥିଲା । କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆକଳନ ଅନୁସାରେ ଏହି ସଂଖ୍ୟା ପ୍ରାୟ ୪୭ ଲକ୍ଷ ହେବ ।

## ବାଂଲାଦେଶ ଫେରିବେ ଶେଖ୍ ହସିନା

ନୂଆଦିଲ୍ଲୀ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶରୁ ନିର୍ବାସିତ ହେବାର ଦୀର୍ଘ ଦିନ ପରେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସେ ଏବଂ ତାଙ୍କ ଦଳ ଆୱାମୀ ଲିଗର ଅନ୍ୟାନ୍ୟ ନିର୍ବାସିତ ନେତାମାନେ ସ୍ୱେଚ୍ଛାକୃତ ଭାବେ ବାଂଲାଦେଶ ଫେରିବାକୁ ଯୋଜନା କରୁଥିବା ସେ କହିଛନ୍ତି । ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ ଗିରଫ କରାଯିବା କିମ୍ବା ହତ୍ୟା କରାଯିବାର ଆଶଙ୍କା ଥିଲେ ମଧ୍ୟ ସେ ନିଜ ଦେଶକୁ ଫେରି ଅଦାଲତରେ ଆତ୍ମସମର୍ପଣ କରିବେ ବୋଲି ସ୍ପଷ୍ଟ କରିଛନ୍ତି । ଏହି ପ୍ରତ୍ୟାବର୍ତ୍ତନ ନେଇ ବର୍ତ୍ତମାନର ଢାକା ପ୍ରଶାସନ ବା କାମଚଳା ସରକାର ସହ ସେମାନଙ୍କର କୌଣସି ଯୋଗାଯୋଗ ହୋଇନଥିବା ସୂଚନା ଦେଇଛନ୍ତି । ଏକ ଗଣମାଧ୍ୟମ ସାକ୍ଷାତକାରରେ ଶେଖ୍ ହସିନା କହିଛନ୍ତି, ମୋର ଦେଶକୁ ଫେରିବା ପରେ ସେମାନେ ମତେ ଗିରଫ କରିପାରନ୍ତି କିମ୍ବା ମାରି ମଧ୍ୟ ଦେଇପାରନ୍ତି, ତଥାପି ମତେ ଯିବାକୁ ହିଁ ହେବ । ବର୍ତ୍ତମାନ ବାଂଲାଦେଶରେ ମୋ ଦଳର ନେତା ଓ କର୍ମୀମାନଙ୍କ ଉପରେ ପ୍ରବଳ ଜୁଲମ ଓ ଅତ୍ୟାଚାର କରାଯାଉଛି ।

# ଇରାନ ଟ୍ରମ୍ପଙ୍କୁ ମାରିବାକୁ ଯୋଜନା କରୁଥିବା ଆମେରିକାକୁ ଗୁଇନ୍ଦା ତଥ୍ୟ ପ୍ରଦାନ କଲା ଇସ୍ରାଏଲ: ରିପୋର୍ଟ



ନୂଆଦିଲ୍ଲୀ : ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଇସ୍ରାଏଲ ଗୁଇନ୍ଦା ତଥ୍ୟ ବିବାଦକୁ ଅଧିକ ବୃଦ୍ଧି କରିବାକୁ ଇନ୍ଧନ ଯୋଗାଇଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ଶୁକ୍ରବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ପୁଣି ଥରେ ଷଡ଼୍ଯନ୍ତ୍ର କରୁଥିବା ଇସ୍ରାଏଲ ୱାସିଂଟନକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି । ଟ୍ରମ୍ପଙ୍କ ରାଷ୍ଟ୍ରପତି ଭାବେ ପ୍ରଥମ କାର୍ଯ୍ୟକାଳ ସମୟରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର କୁଦ୍ସ ଫୋର୍ସର ପୂର୍ବତନ କମାଣ୍ଡର କାସେମ୍ ସୋଲେମାନିଙ୍କ ହତ୍ୟାକୁ ନେଇ ମଧ୍ୟ ଇରାନ ଦୀର୍ଘ ଦିନ ହେଲା ଟ୍ରମ୍ପଙ୍କୁ ହତ୍ୟା କରିବାକୁ ପଣ କରିଛି । ଅନ୍ୟପକ୍ଷରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ବେଳେ ମଧ୍ୟ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ତେହେରାନରେ ଦାବି ଉଠିଥିଲା ।

ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ଚେତାବନୀ ଚଳିତ ସପ୍ତାହରେ ଦିଆଯାଇଥିଲା । ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ ଗତ କିଛି ସପ୍ତାହ ଧରି ଟ୍ରମ୍ପଙ୍କୁ ଟାର୍ଗେଟ କରି ହତ୍ୟା ଷଡ଼୍ଯନ୍ତ୍ର କରିବାକୁ ସୂଚନା ଦେଉଥିବା ଏକ ସୂତ୍ର ଉପରେ ନଜର ରଖିଥିଲେ । ତଥାପି ଇସ୍ରାଏଲୀ ଚେତାବନୀ ନୂତନ ରହିଛି କାରଣ ଏହା ଏକ ନିର୍ଦ୍ଦିଷ୍ଟ କଥିତ ଷଡ଼୍ଯନ୍ତ୍ରକୁ ଉଲ୍ଲେଖ କରିଛି । ତେବେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଇସ୍ରାଏଲ ଏହି ଗୁଇନ୍ଦା ରିପୋର୍ଟ ପ୍ରଦାନ କରିଥାଇ ପାରେ ବୋଲି ଅନେକ ଆମେରିକୀୟ ଅଧିକାରୀ କହିଛନ୍ତି । ଆମେରିକା ଇରାନ ଉପରେ ଆକ୍ରମଣକୁ ଅଧିକ ଜୋରଦାର କରିବ କି ନାହିଁ ସେ ଉପରେ ଟ୍ରମ୍ପ ବିଚାର କରୁଥିବାବେଳେ ଇସ୍ରାଏଲ ଏପରି ସୂଚନା ଅଧିକ ଉତ୍ତେଜନା ବୃଦ୍ଧି କରିବାର ସମ୍ଭାବନା ରହିଛି । ବୁଧବାର ଟ୍ରମ୍ପ ତୁର୍କୀର ଆଙ୍କାରାରେ ମଧ୍ୟ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତା ବେଳେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା କହିଥିଲେ ।ଅନ୍ୟ ପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ପରେ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମ୍ପର୍କ ଗତ କିଛି ସପ୍ତାହ ହେଲା ତିକ୍ତ ହୋଇଯାଇଛି । ଇସ୍ରାଏଲ ତା'ର ଲକ୍ଷ୍ୟ ହାସଲ କରିବାକୁ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବାକୁ ଚାହୁଁଥିଲାବେଳେ ବିଶ୍ୱ ଅର୍ଥନୀତି ଉପରେ ଚାପ ସୃଷ୍ଟି ହେବା ଆଶଙ୍କାରେ ଟ୍ରମ୍ପ ଯୁଦ୍ଧ ବନ୍ଦ ହେଉ ବୋଲି ଚାହୁଁଥିଲେ । ଆମେରିକା-ଇରାନ ଗତସପ୍ତାହରେ ଯୁଦ୍ଧବିରତି ପାଇଁ ଶାନ୍ତି ଚୁକ୍ତି କରିଥିଲେ । ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଗୁରୁବାର ଟ୍ରମ୍ପ ଓ ନେତାନ୍ୟାହୁ ଫୋନ୍ ଯୋଗେ କଥା ହୋଇଥିଲେ । ଦୁଇ ରାଷ୍ଟ୍ରମୁଖ୍ୟ ଦୁଇ ଦେଶ ମଧ୍ୟରେ ସମନ୍ୱୟ ଜାରି ରଖିବାକୁ ସହମତ ହୋଇଛନ୍ତି । ବିବୃତିରେ ଆହୁରି କୁହାଯାଇଛି ଯେ, ଟ୍ରମ୍ପ ନେତାନ୍ୟାହୁଙ୍କୁ ମଧ୍ୟପ୍ରାଚ୍ୟରେ ସାମ୍ପ୍ରତିକ ଆମେରିକାର କାର୍ଯ୍ୟକଳାପ ବିଷୟରେ ମଧ୍ୟ ସୂଚନା ଦେଇଥିଲେ । ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ପୂର୍ବ ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ରମ୍ପ ଓ ନେତାନ୍ୟାହୁ ବାରମ୍ବାର ଯୋଗାଯୋଗରେ ଥିଲେ । ଇସ୍ରାଏଲୀ ନେତା ବିଳମ୍ବିତ ରାତିର ଫୋନ ଯୋଗେ ଗୁପ୍ତ ସୂଚନା ଓ ସାମରିକ ଲକ୍ଷ୍ୟ ବିଷୟରେ ଆଲୋଚନା କରୁଥିଲେ ।

# ଭାରତଠୁ ପ୍ରଥମ ଥର ଟି-୨୦ ସିରିଜ୍ ଜିତିଲା ଇଂଲଣ୍ଡ

## ଚତୁର୍ଥ ମ୍ୟାଚରେ ଶ୍ରେୟସ ବାହିନୀର ଶୋଚନୀୟ ପରାଜୟ





ଲଣ୍ଡନ: ଭାରତୀୟ କ୍ରିକେଟ୍ ପାଇଁ ଏକ ନିରାଶଜନକ ଖବର। ଦୀର୍ଘ ଦିନ ଧରି ଚାଲିଆସିଥିବା ଟିମ୍ ଇଣ୍ଡିଆର ଦବଦବାକୁ ଶେଷ କରିଛି ଇଂଲଣ୍ଡ। ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଭାରତକୁ ୯ ୱିକେଟ୍‌ରେ ଧୂଳି ଚଟାଇ ଘରୋଇ ଇଂଲଣ୍ଡ ଦଳ ଏହି ସିରିଜ୍‌କୁ ନିଜ ନାମରେ କରିନେଇଛି। ଏହି ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୩-୦ ର ଏକ ଅଜେୟ ଅଗ୍ରଣୀ ହାସଲ କରିଛି। ଭାରତ ବିପକ୍ଷରେ ଇଂଲଣ୍ଡର ଏହା ପ୍ରଥମ ଟି-୨୦ ସିରିଜ୍ ବିଜୟ।

୧୫୯ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ଦଳ ମାତ୍ର ୧୩.୫ ଓଭରରେ କେବଳ ଗୋଟିଏ ୱିକେଟ୍ ହରାଇ ଏହି ମ୍ୟାଚ୍ ଜିତି ନେଇଥିଲା। ଘରୋଇ ଦଳର ବ୍ୟାଟିଂ ଏତେ ଦମଦାର୍ ଥିଲା ଯେ ଭାରତୀୟ ବୋଲରମାନେ ସମ୍ପୂର୍ଣ୍ଣ ଅସହାୟ ନଜର ଆସିଥିଲେ। ହ୍ୟାରୀ ବ୍ରୁକ୍ ମାତ୍ର ୩୫ ବଲ୍‌ରୁ ୮ଟି ଚୌକା ଓ ୪ଟି ଛକା ସହାୟତାରେ ୭୯ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଅନ୍ୟପଟେ ଓପନର୍ ଫିଲ୍ ସଲ୍ଟ ତାଙ୍କୁ ସୁନ୍ଦର ସାଥ୍ ଦେଇ ୪୨ ବଲ୍‌ରେ ୫୯ ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୧୪୬ ରନର ଅପରାଜିତ ପାର୍ଟନରସିପ୍ ଦଳକୁ ସହଜରେ ବିଜୟ ସୀମା ପାର୍ କରାଇଥିଲା।ଇଂଲଣ୍ଡ ଦଳ ପ୍ରାରମ୍ଭରେ ୧୩ ରନ୍ ସ୍କୋରରେ ଜୋସ୍ ବଟଲର୍ (୦୮)ଙ୍କ ସୂତ୍ରରେ ନିଜର ପ୍ରଥମ ୱିକେଟ୍ ହରାଇଥିଲା, ଯାହାଙ୍କୁ ଅର୍ଶଦୀପ ସିଂ ଆଉଟ୍ କରିଥିଲେ। କିନ୍ତୁ ଏହାପରେ ଭାରତୀୟ ବୋଲିଂ ଲାଇନ୍-ଅପ୍ ପୂରା ଫେଲ୍ ମାରିଥିଲା।ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା, କିନ୍ତୁ ବ୍ୟାଟରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ସଠିକ୍ ପ୍ରମାଣିତ କରିପାରିନଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୧୫୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଅୟର ସର୍ବାଧିକ ୮୦ ରନର ଲଢୁଆ ଇନିଂସ ଖେଳିଥିଲେ। ସେ ନିଜର ୪୯ ବଲ୍‌ର ଇନିଂସରେ ୪ଟି ଚୌକା ଓ ୫ଟି ଛକା ମାରିଥିଲେ।ଅୟରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ବେଶୀ ସମୟ ତିଷ୍ଠି ପାରିନଥିଲେ। ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ୧୫, ଅଭିଷେକ ଶର୍ମା ୧୬, ଇଶାନ କିଷନ ୦୪, ଶିବମ ଦୁବେ ୨୨, ତିଲକ ବର୍ମା ୧୧, ୱାଶିଂଟନ ସୁନ୍ଦର ୦୫ ଏବଂ ଅକ୍ଷର ପଟେଲ ମାତ୍ର ୦୧ ରନ୍ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ଏବଂ ଜୋସ୍ ଟଙ୍ଗ୍ ସବୁଠାରୁ ସଫଳ ବୋଲର ଭାବେ ୨-୨ଟି ୱିକେଟ୍ ନେଇଥିଲେ।

# ମରକ୍କୋ ପରାସ୍ତ, ସେମିଫାଇନାଲରେ ଫ୍ରାନ୍ସ



ନୂଆଦିଲ୍ଲୀ: ଫିଫା ବିଶ୍ୱକପ୍ ୨୦୨୬ ଶେଷ ହେବାକୁ ଯାଉଛି। ଆଜିର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତି ଫ୍ରାନ୍ସ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ହାରିବା ପରେ ମରକ୍କୋ ବାହାର ହୋଇଯାଇଛି। ଫ୍ରାନ୍ସ ସମ୍ପୂର୍ଣ୍ଣ ମ୍ୟାଚ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା। ଗୋଟିଏ ବି ଗୋଲ କରିପାରିଲା ନାହିଁ। ପ୍ରଥମ ହାଫରେ ପେନାଲ୍ଟି ହାତଛଡ଼ା କରିବା ପରେ କାଇଲିଆନ୍ ଏମବାପ୍ପ ଦ୍ୱିତୀୟ ହାଫରେ ମ୍ୟାଚ୍‌ର ପ୍ରଥମ ଗୋଲ କରିଥିଲେ।ପ୍ରଥମାର୍ଦ୍ଧ ରୋମାଞ୍ଚକର ଥିଲା। ଅନେକ ସୁଯୋଗ ସୃଷ୍ଟି ହୋଇଥିଲା କିନ୍ତୁ କୌଣସି ଗୋଲ ହୋଇନଥିଲା। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ କୌଣସି ଦଳ ଗୋଲ କରିପାରି ନଥିଲା। ଫ୍ରାନ୍ସ ୨୪ତମ ମିନିଟରେ ଅଗ୍ରଣୀ ହେବାର ଭଲ ସୁଯୋଗ ପାଇଥିଲା। ମରକ୍କୋର ଜଣେ ଡିଫେଣ୍ଡର ଡି ଭିତରେ କାଇଲିଆନ୍ ଏମବାପ୍ପଙ୍କୁ ଟ୍ୟାକ୍ କରିଥିଲେ। ଫଳରେ ପେନାଲ୍ଟି ହାତଛଡ଼ା ହୋଇଥିଲା। ଏମବାପ୍ପ ପେନାଲ୍ଟି ହାତଛଡ଼ା କରିଥିଲେ।

ଦ୍ୱିତୀୟ ହାଫରେ ଫ୍ରାନ୍ସ ଛଅ ମିନିଟ ମଧ୍ୟରେ ଦୁଇଟି ଗୋଲ କରିଥିଲେ। କାଇଲିଆନ୍ ଏମବାପ୍ପ ୬୦ତମ ମିନିଟରେ ମ୍ୟାଚ୍‌ର ପ୍ରଥମ ଗୋଲ କରିଥିଲେ। ତା'ପରେ ଫ୍ରାନ୍ସ ୬୬ତମ ମିନିଟରେ ସେମାନଙ୍କର ଦ୍ୱିତୀୟ ଗୋଲ କରିଥିଲେ।୬୬ତମ ମିନିଟରେ ଓସମାନ ଡେମ୍ବେଲେ ଗୋଲ ଦେଇ ଫ୍ରାନ୍ସକୁ ୨-୦ରେ ଆଗୁଆ କରିଥିଲେ। ଆଉ କୌଣସି ଗୋଲ ହୋଇନଥିଲା ଏବଂ ଶେଷ ହ୍ୱିସିଲ୍ ସହିତ ଫ୍ରାନ୍ସ ୨-୦ରେ ମ୍ୟାଚ୍ ଜିତିଥିଲା। ମରକ୍କୋର ବିଶ୍ୱକପ୍ ଜିତିବାର ସ୍ୱପ୍ନ ଭାଙ୍ଗିଗଲା। ଫ୍ରାନ୍ସ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କଲା। ଫ୍ରାନ୍ସ ଫିଫା ବିଶ୍ୱକପ୍ ୨୦୨୬ର ସେମିଫାଇନାଲରେ ପହଞ୍ଚିଛି। ସ୍ପେନ୍ କିମ୍ବା ବେଲଜିୟମକୁ ଭେଟିବେ। ସ୍ପେନ୍ ବନାମ ବେଲଜିୟମ ମ୍ୟାଚ୍ ଆଜି ରାତି ୧୨:୩୦ରେ ଖେଳାଯିବ ଏବଂ ବିଜେତା ସେମିଫାଇନାଲରେ ଫ୍ରାନ୍ସ ସହିତ ମୁକାବିଲା କରିବ। ଫ୍ରାନ୍ସର ସେମିଫାଇନାଲ ମ୍ୟାଚ୍ ଜୁଲାଇ ୧୫ ତାରିଖ ଭାରତୀୟ ସମୟ ରାତି ୧୨:୩୦ରେ ଆରମ୍ଭ ହେବ।

# ତୀବ୍ର ରୂପ ନେଲା ଏମ୍‌ବାପେ, ଆମାରିଲା ବିବାଦ

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ଫ୍ରାନ୍ସ ଫୁଟ୍‌ବଲ୍ ତାରକା କିଲିଆନ୍ ଏମ୍‌ବାପେ ଓ ପାରାଗୁଏ ସେନାଟର ସେଲେଷ୍ଟି ଆମାରିଲା ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧ ତୀବ୍ର ରୂପ ନେଇଛି। ଚଳିତ ଫିଫା ବିଶ୍ୱକପ୍‌ରେ ପାରାଗୁଏକୁ ୧-୦ରେ ଫ୍ରାନ୍ସ ହରାଇବା ପରେ ଏହି ବିବଦ ଆରମ୍ଭ ହୋଇଥିଲା। ବୁଧବର ସିନେଟ୍‌ରେ ଆମାରିଲା କଠୋର ଭାଷାରେ ଏମ୍‌ବାପେଙ୍କୁ ସମାଲୋଚନା କରିବା ପରେ ଏହା ଆହୁରି ବିଯାଇଛି।





ମ୍ୟାଚ୍ ପରଠୁ ବାରମ୍ବର ଏମ୍‌ବାପେଙ୍କୁ ସମାଲୋଚନା କରୁଥିବା ଏହି ସେନାଟର, ପାରାଗୁଏ ଗୋଲି ଓର୍‌ଲାଣ୍ଡୋ ଗିଲ୍‌ଙ୍କ ସହ ଜଡିତ ଏକ ଘଟଣାକୁ ପୁନରାବୃତ୍ତି କରି କହିଥିଲେ 'ଅତି ଖରାପ ଲୋକର ପୁଅ'। ସେ କହିଥିଲେ, 'ୟୁରୋପରେ ପ୍ରଥମ ଥର ଲାଗି ବିଶ୍ୱକପ୍ ଖେଳୁଥିବା ଓର୍‌ଲାଣ୍ଡୋ ଗିଲ୍ ଜଣେ ବାଳକ। ସେ ବିଶ୍ୱ ସମ୍ମୁଖରେ ଖେଳୁଥିଲା ବେଳେ ସମସ୍ତେ ତାଙ୍କ ସହ ହାତ ମିଳାଉଥିଲେ। ହେଲେ ଏହି 'ଜଣେ ---- ପୁଅ' ହାତ ମିଳାଇବାକୁ ମନା କରିବା ସହ ମୁହଁ ଆମ୍ଳିଆ କରି ଦେଇଥିଲେ। ଏହା ଫରାସୀର କାମ ନୁହେଁ। ଜଣେ ଫରାସୀ ଲୋକ କେବେବି ଏପରି କରି ନଥାନ୍ତେ'। ଆମାରିଲାଙ୍କୁ ଏମ୍‌ବାପେ କହିଥିଲେ, 'ସେ ଜଣେ ଘୃଣ୍ୟ ମହିଳା ଓ ସମ୍ମାନଜନକ ପଦ ପାଇଁ ଅଯୋଗ୍ୟ'। ଏହିସବୁ ସାର୍ବଜନୀନ ହେବା ପରେଏହା ଉଭୟଙ୍କ ମଧ୍ୟରେ ବାକ୍ ଯୁଦ୍ଧକୁ ଆହରି ତୀବ୍ର କରିଛି। ପରାଗୁଏର ଅଥେନ୍‌ଟିକ୍ ରାଡିକାଲ ଲିବେରାଲ ପାର୍ଟି ସଦସ୍ୟା ଆମାରିଲା ଅଭିଯୋଗ କରିଛନ୍ତି ଯେ ପାରାଗୁଏର ପରାଜୟ ପରେ 'ଗଭୀର ଭାବେ ଜାତିଗତ ଅପମାନ' କରାଯାଇଥିଲା। ବିଶେଷ କରି ଏମ୍‌ବାପେଙ୍କ ବ୍ୟବହାର ଜଣେ ଫରାସୀର ଭଳି ନଥିଲା। ପୂର୍ବରୁ ଆମାରିଲା ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଥିଲେ ଯେ ''ଖରାପ ଆଚରଣ ପାଇଁ ଏମ୍‌ବାପେ କ୍ଷମା ମାଗନ୍ତୁ। ନଚେତ୍ ତାଙ୍କୁ ପରିଣାମ ଭୋଗିବାକୁ ପଡ଼ିବ।'' ପଡିଆ ବାହାରେ ଏଭଳି ଉଭୟଙ୍କ ମଧ୍ୟରେ ବିବାଦ ଚାଲିଥିଲା ବେଳେ ଫ୍ରାନ୍ସ ମୁଖ୍ୟ ପ୍ରଶିକ୍ଷକ ଡିଡିଅର୍ ଡେସ୍‌ଚାମ୍ପ୍‌ସ କହିଛନ୍ତି ଯେ, ଏହା ମରକ୍କୋ ବିପକ୍ଷ କ୍ୱାର୍ଟରଫାଇନାଲ୍‌ରେ ଏମ୍‌ବାପେଙ୍କ ଉପରେ କେଣସି ପ୍ରଭାବ ପକାଇବ ନାହିଁ। କିଲିଆନ୍ ମାନସିକ ଭାବେ ଭଲ ଅଛନ୍ତି। ସେ ଆସନ୍ତାକାଲି ମ୍ୟାଚ୍ ପାଇଁ ପୂରା ପସ୍ତୁତ ଅଛନ୍ତି।

# ଶ୍ରେଷ୍ଠ ଯୁବ ଖେଳାଳି ଦୌଡରେ ବୌଆଡି, ଡୁଏ, ଓ'ରିଲି

ନୂଆଦିଲ୍ଲୀ: ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରିକ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟ ଶେଷ ହୋଇଛି। ୨୦୦୫ ଜାନୁଆରି ୧ ପରେ ଜନ୍ମ ଗ୍ରହଣ କରିଥିବା ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଫିଫା ଯୁବ ଖେଳାଳି ପୁରସ୍କାର ପ୍ରଦାନ କରିବ। ପ୍ରିକ୍ୱାର୍ଟରଫାଇନାଲ୍ ଶେଷ ଭିତରେ ଏହି ପୁରସ୍କାର ଦୌଡରେ ୪ ଜଣ ଆୟୁବ ବୌଆଡି, ଡିସିରେ ଡୁଏ, ନିକୋ ଓ'ରିଲି ଓ ଲାମିନେ ୟାମାଲ ରହିଛନ୍ତି। ଏବେ ଏମାନେ କ୍ୱାର୍ଟରଫାଇନାଲ୍‌ରେ କିଛି ଚମତ୍କାରିତା ଦେଖାଇବା ଲାଗି ଉତ୍ସାହିତ ଅଛନ୍ତି।ଆୟୁବ ବୌଆଡି (ମରକ୍କୋ): ମରକ୍କୋକୁ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ନେବାରେ ମିଡ୍‌ଫିଲ୍‌ଡର ବୌଆଡିଙ୍କ ବଡ ଅବଦାନ ରହିଛି। ପଡିଆ ଭିତରେ ଓ ବାହାରେ ବୌଆଡିଙ୍କ ବୁଦ୍ଧି ଅତି ଚମତ୍କାର। ୧୫ ବର୍ଷ ବୟସରେ ଏକ ଭାଷଣ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ୧୬ ବର୍ଷ ବୟସରେ ସ୍କୁଲ୍ ଶିକ୍ଷା ଶେଷ କରିଥିଲେ। ଏବେ ସେ ଗଣିତରେ ଡିଗ୍ରୀ କରୁଛନ୍ତି। ବିଶ୍ୱକପ୍‌ରେ ବ୍ରାଜିଲ ବିପକ୍ଷରେ ପଦାର୍ପଣ କରିଥିବା ବୌଆଡି କାନାଡା ବିପକ୍ଷ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ।



ଡିସିରେ ଡୁଏ (ଫ୍ରାନ୍ସ): ମରକ୍କୋ ବିପକ୍ଷରେ କ୍ୱାର୍ଟରଫାଇନାଲ୍ ଖେଳିବ ଫ୍ରାନ୍ସ। ଏଥିରେ ଦୁଇ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ଓ ମାଇକେଲ ଓଲିସ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିବ। ହେଲେ ଡୁଏଙ୍କୁ କେହି ଅଣଦେଖା କରିପାରିବେନି। ଏହି ପ୍ୟାରିସ ସେଣ୍ଟ୍ ଜର୍ମାନ ଖେଳାଳିଙ୍କ ଲଇ ଯୁବ ଖେଳାଳି ପୁରସ୍କାର ଲାଗି ବୌଆଡିଙ୍କ ସହ ହେବ। ଏହି ୨୧ ବର୍ଷୀୟ ଖେଳାଳି ଦଳର ୫ ମ୍ୟାଚ୍‌ରୁ ୩ଟିରେ ପ୍ରଥମ ଏକାଦଶରେ ଥିବା ବେଳେ ଗୋଟିଏ ଗୋଲ୍ କରିବାକୁ ସକ୍ଷମ ହୋଇଛନ୍ତି। ସେ ନିଜର ବିଶ୍ୱକପ୍‌ର ପ୍ରଥମ ଗୋଲ୍ ନରୱେ ବିପକ୍ଷରେ ଦେଇଛନ୍ତି।

ନିକୋ ଓ'ରିଲି (ଇଂଲଣ୍ଡ): ଏହି ମାଞ୍ଚେଷ୍ଟର ସିଟି ଲେଫ୍ଟ ବ୍ୟାକ୍ ଖେଳାଳି ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ଜିତିଥିବା ସମସ୍ତ ମ୍ୟାଚ୍‌ରେ ଆରମ୍ଭ ଏକାଦଶରେ ରହିଥିଲେ। କେବଳ ଘାନା ସହ ଗୋଲ୍‌ଶୂନ୍ୟ ଡ୍ର' ମ୍ୟାଚ୍‌ରେ ସେ ପ୍ରଥମ ଏକାଦଶରେ ନଥିଲେ। ଏହି ୨୧ ବର୍ଷୀୟ ଖେଳାଳିଙ୍କ ନାଁ ପାସ୍ ଦେଇଥିବା ଶୀର୍ଷ ଖେଳାଳିଙ୍କ ମଧ୍ୟରେ ତୃତୀୟ ଏବଂ ସଫଳ ଟାକେଲ୍‌ରେ ଦ୍ୱିତୀୟରେ ରହିଛି। ସେ ନିଜର ପ୍ରଥମ ବିଶ୍ୱକପ୍ ଗୋଲ୍ ସହଆୟୋଜକ ମେକ୍ସିକୋ ବିପକ୍ଷରେ କରିଛନ୍ତି।

ଲାମିନେ ୟାମାଲ (ସ୍ପେନ୍): କାବେ ବର୍ଡେ ବିପକ୍ଷ ମ୍ୟାଚ୍‌ରେ ୧୮ ବର୍ଷୀୟ ୟାମାଲ ବେଞ୍ଚରୁ ଉଠି ଖେଳିଥିଲେ। ଏହାପରେ ସେ ଦଳର ସମସ୍ତ ମ୍ୟାଚ୍‌ରେ ପ୍ରଥମ ଏକାଦଶରେ ରହି ପଡିଆକୁ ଓହ୍ଲାଇଛନ୍ତି। ରାଉଣ୍ଡ-୩୨ରେ ଅଷ୍ଟ୍ରିଆ ବିପକ୍ଷରେ ବିଶ୍ୱକପ୍‌ର ପ୍ରଥମ ଗୋଲ୍ କରିଥିବା ୟାମାଲଙ୍କୁ ସ୍ପେନ୍ ରାଉଣ୍ଡ-୧୬ରେ ପର୍ତ୍ତୁଗାଲ ବିପକ୍ଷରେ ପୂରା ୯୦ ମିନିଟ୍ ଖେଳାଇଥିଲା। ଏବେ ସେ ୨୦୧୦ ବିଜେତା ବେଲ୍‌ଜିୟମ୍ ବିପକ୍ଷ କ୍ୱାର୍ଟରଫାଇନାଲ୍ ଖେଳିବାକୁ ପୂରା ପ୍ରସ୍ତୁତ ଅଛନ୍ତି।

# ଫାଇନାଲ୍ ମ୍ୟାଚ୍ ମଧ୍ୟାନ୍ତର ସୋ'ରେ ବିବରଙ୍କ ଜଲୱା ଦେଖିବେ ଦର୍ଶକ



ନ୍ୟୁୟର୍କ: ଫିଫା ଓ ଗ୍ଲୋବଲ ସିଟିଜେନ୍ (ବିଶ୍ୱସ୍ତରରେ ଲକ୍ଷଲକ୍ଷ ଗରିବ କମାଇବାରେ କାର୍ଯ୍ୟକରୁଥିବା ସଂସ୍ଥା) ଘୋଷଣା କରିଛି ଯେ କାନାଡାର ପପ୍ ଗାୟକ ଜଷ୍ଟିନ୍ ବିବର ଚଳିତ ବିଶ୍ୱକପ୍ ଫାଇନାଲ୍‌ରେ ନିଜର ଜଲୱା ଦେଖାଇବେ। ଚଳିତ ମାସ ୧୯ ତାରିଖରେ ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଫାଇନାଲ୍‌ର ମଧ୍ୟାନ୍ତରରେ ହେବାକୁ ଥିବା ଆକର୍ଷଣୀୟ ସୋ'ରେ ସେ ବିଶ୍ୱର ଅନ୍ୟ ପ୍ରସିଦ୍ଧ ତାରକା ମାଡୋନା, ସକିରା ଓ ବିଟିଏସ୍ ସହ ପ୍ରଦର୍ଶନ କରିବେ।

ସଂପ୍ରତି ବିଶ୍ୱରେ ଚହଳ ପକାଇଥିବା ବର୍ଣ୍ଣ ବୟ ଓ ସାକିରାଙ୍କ 'ଡାଇ ଡାଇ' ଗୀତ ମଧ ଏହି ଅବସରରେ ୧୧ ମିନିଟ୍ ବଡ଼ କଷ୍ଟ ହେବ। ଏହି ମଧ୍ୟାନ୍ତର ସୋ'ରେ କୋଲ୍ଡପ୍ଲେ କରିବେ କ୍ରିସ୍ ମାର୍ଟିନ। ବିଶ୍ୱ ସ୍ତରରେ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଓ ଫୁଟବଲ୍ ସୁଯୋଗକୁ ବିସ୍ତାର କରିବା ପାଇଁ ୧୦୦ ନିୟୁତ ଡଲାର ସଂଗ୍ରହ କରିବା ଲାଗି ହେଉଥିବା ଏହି କାର୍ଯ୍ୟକ୍ରମ ପୂର୍ବରୁ ୫୦ ନିୟୁତ ଡଲାରରୁ ଅଧିକ ସଂଗ୍ରହ ହୋଇସାରିଛି। ବିଶ୍ୱକପ୍ ମ୍ୟାଚ୍‌ର ପ୍ରତ୍ୟେକ ଟିକେଟ୍ ବିକ୍ରୟରୁ ୧ ଡଲାର ଏଥି ଲାଗି ରଖାଯାଉଛି। ଏହି ସୋ' ବେଳେ ସେସାମ୍ ଷ୍ଟ୍ରିଟ୍ ଓ ଦି ମପେଟ୍‌ସର ଲୋକମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି।

# ଦିନିକିଆ ଲାଗି ଲଣ୍ଡନରେ ଅଭ୍ୟାସରତ ରୋହିତ



ଲଣ୍ଡନ: ଇଂଲଣ୍ଡ ବିପକ୍ଷ ଆଗାମୀ ଦିନିକିଆ ଶୃଙ୍ଖଳା ଲାଗି ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଲଣ୍ଡନରେ ପହଞ୍ଚି ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଚଳିତ ମାସ ୧୪ରୁ ବର୍ମିଂହାମରେ ଆରମ୍ଭ ହେବ। ଶୃଙ୍ଖଳା ଆରମ୍ଭ ପୂର୍ବରୁ ନିଜକୁ ପରିବେଶ ସହ ଖାପ ଖୁଆଇବା ଲାଗି ରୋହିତ ଆଗୁଆ ପହଞ୍ଚି ସ୍ଥାନୀୟ କ୍ଲବ୍, ବୋଲର୍ ଓ ଅନ୍ତରଙ୍ଗ ସାଥୀଙ୍କ ସହ ଲଣ୍ଡନର ପାଖାପାଖି ଅଭ୍ୟାସ କରିଛନ୍ତି।

ବର୍ମିଂହାମରେ ଭାରତୀୟ ଦଳ ସହ ଯୋଗ ଦେବା ପୂର୍ବରୁ ବର୍ଗସାୟାରସ୍ଥିତ ସ୍ଲୋ କ୍ରିକେଟ୍ କ୍ଲବ୍ ଓ ବ୍ଲୋଣ୍ଡିନ୍‌ପାର୍କ ନିକଟସ୍ଥ ସ୍ୱିନକୋମ୍ବ କ୍ରିକେଟ୍ କ୍ଲବ୍‌ରେ ନିଜର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଇଂଲଣ୍ଡରେ ୩୯ ବର୍ଷୀୟ ରୋହିତଙ୍କ ଭଲ ରେକର୍ଡ ରହିଛି। ସେ ଏଠାରେ ୨୭ ମ୍ୟାଚ୍ ଖେଳି ୭ ଶତକ ସହ ୬୪.୯ ହାରରେ ୧୪୨୮ ରନ୍ କରିଛନ୍ତି। ଯାହା ଭ୍ରମଣକାରୀ ବ୍ୟାଟର୍ ଭାବେ ସର୍ବାଧିକ। ଆଫଗାନିସ୍ତାନ ବିପକ୍ଷ ଦିନିକିଆ ପୂର୍ବରୁ ମାଂସପେସୀ ଟାଣି ହେବା ଜନିତ ଆହତ ସମସ୍ୟା ଯୋଗୁଁ କ୍ରିକେଟ୍‌ରୁ ଦୂରେଇ ରହିଥିବା ରୋହିତ ଚେନ୍ନାଇରେ ୭୯ ରନ୍‌ର ପାଳି ଖେଳିଥିଲେ। ଟ୍ୱେଣ୍ଟି-୨୦ ଶୃଙ୍ଖଳା ପରେ ଭାରତ ୩ ଦିନିକିଆ ମ୍ୟାଚ୍ ଯଥାକ୍ରମେ ୧୪ରେ ବର୍ମିହାମ, ୧୬ରେ କାର୍ଡିଫ ଓ ୧୯ରେ ଲଣ୍ଡନରେ ଖେଳି ଇଂଲଣ୍ଡ ଗସ୍ତ ଶେଷ କରିବ।

## ଭାରତ ଏ ସହ ସିରସଜ ଖେଳିବ ନେପାଳ

କାଠମାଣ୍ଡୁ: ନେପାଳ କ୍ରିକେଟ୍ ଦଳ ପାଇଁ ଆସିଛି ଏକ ସୁବର୍ଣ୍ଣ ସୁଯୋଗ। ଶକ୍ତିଶାଳୀ ଭାରତ-ଏ ଦଳ ବିପକ୍ଷରେ ମଇଦାନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଛି ନେପାଳ। ଭାରତୀୟ ଦଳରେ ଆଇପିଏଲ୍ ର ଅନେକ ବଡ଼ ବଡ଼ ତାରକା ଖେଳାଳି ଏବଂ ଭାରତୀୟ ସିନିୟର ଟିମ୍ ପାଇଁ ଖେଳି ସାରିଥିବା ଅଭିଜ୍ଞ କ୍ରିକେଟର ସାମିଲ ଥିବାରୁ, ଏହି ମ୍ୟାଚ୍ ନେପାଳ ପାଇଁ ନିଜର ଦକ୍ଷତା ପ୍ରମାଣିତ କରିବାର ସବୁଠାରୁ ବଡ଼ ମଞ୍ଚ ସାଜିବ। ୨୦୨୪ ଟି-୨୦ ବିଶ୍ୱକପ୍ ?ରେ ଦଳ ଗୋଟିଏ ହେଲେ ମଧ ମ୍ୟାଚ୍ ଜିତିବାରେ ସଫଳ ହୋଇନଥିଲା। ମାତ୍ର ଚଳିତ ୨୦୨୬ ବିଶ୍ୱକପ୍ ?ରେ ନେପାଳ ନିଜ ଖେଳରେ ବଡ଼ ସୁଧାର ଆଣି ସ୍କଟଲାଣ୍ଡକୁ ଶୋଚନୀୟ ଭାବେ ପରାସ୍ତ କରିଥିଲା। ଚଳିତ ବିଶ୍ୱକପ୍ ?ର ଏକ ରୋମାଞ୍ଚକର ମ୍ୟାଚ୍ ?ରେ ନେପାଳ ଶକ୍ତିଶାଳୀ ଇଂଲଣ୍ଡ ଦଳକୁ ପ୍ରାୟ ହରାଇବା ସ୍ଥିତିରେ ପହଞ୍ଚି ଯାଇଥିଲା। ମାତ୍ର ଭାଗ୍ୟ ସାଥ୍ ନଦେବାରୁ ମାତ୍ର ୪ ରନ୍‌ର ଏକ ଅତି ସଂଘର୍ଷପୂର୍ଣ୍ଣ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।

# ୩ ବର୍ଷ ପରେ ଇଣ୍ଡିଜ୍‌ର ଶୃଙ୍ଖଳା ବିଜୟ




ନର୍ଥସାଉଣ୍ଡ: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଘରୋଇ ଟେଷ୍ଟ୍‌କୁ ଡ୍ର ରଖିବା ପରେ ୱେଷ୍ଟଇଣ୍ଡିଜ୍ ୩ ବର୍ଷ ପରେ ନାଲିବଲ୍ କ୍ରିକେଟ୍ ଫର୍ମାଟ୍‌ରେ ପ୍ରଥମ ଶୃଙ୍ଖଳା ବିଜୟୀ ହେବାର ଗେରବ ଅର୍ଜନ କରିଛି। ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୨୭ ରନ୍‌ରେ ଅଲ୍‌ଆଉଟ୍‌ର ୧୨ ମାସ ପରେ ଇଣ୍ଡିଜ୍ ବ୍ୟାଟର୍ ନିଜ ଦମ୍ ଦେଖାଇ ଦଳକୁ ଏହି ଐତିହାସିକ ଶୃଙ୍ଖଳା ବିଜୟ ଭେଟି ଦେଇଥିଲେ। ୨୦୨୩ରୁ ଏପର୍ଯ୍ୟନ୍ତ ଇଣ୍ଡିଜ୍ ୧୧ଟି ଶୃଙ୍ଖଳା ଖେଳିଥିଲା ବେଳେ ଏହା ପ୍ରଥମ ବିଜୟ।ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମ୍‌ରେ ଶେଷ ଦିନରେ ଭ୍ରମଣକାରୀ ଦଳ ଶ୍ରୀଲଙ୍କା ନିଜର ଦ୍ୱିତୀୟ ପାଳି ୨୫୧/୯ରେ ଘୋଷଣା କରି ଘରୋଇ ଦଳ ସମ୍ମୁଖରେ ୩୦୨ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ୬୦ ଓଭରରେ ଏହି ବିଜୟ ଲକ୍ଷ୍ୟ ହାସଲ କରିବାକୁ ଯାଇ ଇଣ୍ଡିଜ୍‌ର ଦୁଇ ଓପନର୍ ଜନ୍ କ୍ୟାମ୍ପବେଲ୍ (୫୧ଅ) ଓ ବ୍ରାଣ୍ଡନ କିଙ୍ଗ (୫୧ଅ) ୪୦ ଓଭରରେ ୧୦୯ ରନ୍ ଯୋଡିଥିଲେ। ତେଣୁ ଫଳାଫଳ ବାହାରିବା ସମ୍ଭବ ନଥିବାରୁ ଉଭୟ ଦଳର ସହମତିରେ ମ୍ୟାଚ୍‌କୁ ଅମ୍ପାୟାର ଡ୍ର ଘୋଷଣା କରିଥିଲେ। ପୂର୍ବରୁ ଶ୍ରୀଲଙ୍କା ପ୍ରଥମ ପାଳିରେ ୫୪୯ ଏବଂ ୱେଷ୍ଟଇଣ୍ଡିଜ୍ ୪୯୯ ରନ୍ କରିଥିଲା। ୨ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାର ପ୍ରଥମ ଟେଷ୍ଟ୍‌କୁ ଘରୋଇ ଦଳ ପାଳି ଓ ୨୧୭ ରନ୍‌ରେ ଜିତିଥିଲା। ଇଣ୍ଡିଜ୍‌ର ଜଷ୍ଟିନ୍ ଗ୍ରେଭ୍ସ ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ

# ଚେନ୍ନାଇରେ ଆୟୋଜନ ହେବ ବିଗ୍ ବସ୍ ଲିଗ୍ ମ୍ୟାଚ

ମେଲବର୍ଣ୍ଣ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଷ୍ଟ୍ରେଲିଆ ଗସ୍ତ ସମୟରେ ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି) ପରିଦର୍ଶନ କରିଛନ୍ତି। ତାଙ୍କ ଗସ୍ତ ସମୟରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ କ୍ରୀଡା କୂଟନୀତିକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଅଷ୍ଟ୍ରେଲିଆର ଆନ୍ତର୍ଜାତୀୟ ମାସ୍କଟ ରୁବି ଦି ରୁଙ୍କୁ ଭେଟିଥିଲେ। ଏହି ସ୍ୱତନ୍ତ୍ର ଗସ୍ତରେ ତାଙ୍କ ସହିତ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍‌ଥୋନି ଆଲବାନିଜ୍ ଏବଂ ପୂର୍ବତନ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଅଧିନାୟକ ଷ୍ଟିଭ୍ ୱ୍ ମଧ୍ୟ ଥିଲେ।

ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ କ୍ରୀଡ଼ା ସହଯୋଗ ବୃଦ୍ଧି କରିବା ପାଇଁ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଡିସେମ୍ବରରେ ଅଷ୍ଟ୍ରେଲିଆର ପ୍ରସିଦ୍ଧ ଟି୨୦ ଲିଗ୍, ବିଗ୍ ବ୍ୟାସ୍ ଲିଗ୍‌ର ଉଦଘାଟନୀ ମ୍ୟାଚ୍ ଚେନ୍ନାଇରେ ଅନୁଷ୍ଠିତ ହେବ। ଏହା ଇତିହାସରେ ପ୍ରଥମ ଥର ହେବ ଯେ କୌଣସି ବିଦେଶୀ କ୍ରିକେଟ୍ ଲିଗ୍ ଭାରତୀୟ ମାଟିରେ ଏହାର ମ୍ୟାଚ୍ ଖେଳିବେ। ଏହି କାର୍ଯ୍ୟକ୍ରମ ଡିସେମ୍ବରରେ ସାରା ଭାରତରେ ଅନୁଷ୍ଠିତ ସପ୍ତାହବ୍ୟାପୀ 'ଏ-ଉବଚ୍ଚ ଘବଙ୍କବସ୍ୱସ୍ୱର' ଉତ୍ସବର ମୁଖ୍ୟ ଆକର୍ଷଣ ହେବ, ଯେଉଁଥିରେ ଅଷ୍ଟ୍ରେଲିଆ ସଂସ୍କୃତି, ବ୍ୟବସାୟ ଏବଂ କ୍ରୀଡ଼ା ସହିତ ଜଡିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ।

ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡର ଐତିହାସିକ ଗୁରୁତ୍ୱ ଏବଂ ଦୁଇ ଦେଶ ମଧ୍ୟରେ କ୍ରିକେଟ୍ ପ୍ରେମ ବିଷୟରେ ଉଲ୍ଲେଖ କରି କହିଛନ୍ତି, 'ଗଉଏକୁ ଆସିବା ଯେକୌଣସି ଭାରତୀୟଙ୍କ ହୃଦୟରେ ଦୁଇଟି ଭାବନା ଆଣିଥାଏ: ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ର ଉତ୍ସାହ ଏବଂ ଅନୁଭବ ଯେ କ୍ରିକେଟ୍ କେବଳ ଏକ ଖେଳ ନୁହେଁ, ବରଂ ଦୁଇ ଦେଶ ମଧ୍ୟରେ ଏକ ସମାନ ଆଗ୍ରହ।' ପ୍ରଧାନମନ୍ତ୍ରୀ ହାଲୁକା ସ୍ୱରରେ ଆହୁରି କହିଲେ, କିନ୍ତୁ ଆଜି ଏଠାରେ 'ଶେଷ ଓଭର ଫିନିଶ୍'ର କୌଣସି ଚାପ ନାହିଁ। ଆଜି ଏଠାରେ କେବଳ କ୍ରୀଡାର ଆନନ୍ଦ ଅଛି। ଆଜି ଏଠାରେ କେବଳ କ୍ରୀଡାର ଆନନ୍ଦ, ଆମର ବନ୍ଧୁତାର ଉଷ୍ମତା ଏବଂ ଭବିଷ୍ୟତର ଚାମ୍ପିଅନଙ୍କ ଶକ୍ତି ଅଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982